ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

**ଭଦ୍ରକ ଅଫିସ,୫।୧୧:** ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ସୋମବାର ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜିଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଉତ୍ସବ ଆୟୋଜିତ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ତଥା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ମନୋଜ ଦାସଙ୍କ ଅଧକ୍ଷତା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବସନ୍ତ କୁମାର ରଥ ଯୋଗଦେଇ କହିଥିଲେ, ଭଦ୍ରକ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି। ଯୁବ ମହୋତ୍ସବରେ ଭାଗ ନେଇଥିବା ପ୍ରତ୍ୟେକ କଳାକାର ନିଜର କଳା ପ୍ରତିଭାକୁ ବିକଶିତ କରି ଜିଲା ଓ ରାଜ୍ୟସ୍ତରରେ ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ ମନୋନୀତ ସାଂସ୍କୃତିକ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ।

### 'ବାରୁଦ ବାଣଠାରୁ ଦୂରେଇ ରୁହ'

**ଭଦ୍ରକ ଅଫିସ,୫।୧୧:** ବାରୁଦଯୁକ୍ତ ବାଣଠାରୁ ଦୂରେଇ ରହିବା ପାଇଁ ଭଗତ ସେନା ପକ୍ଷରୁ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ସହଯୋଗରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାମାନ୍ୟ ଅସାବଧାନତା ହେଲେ ବାରୁଦଯୁକ୍ତ ବାଣ ଦ୍ୱାରା ହେଉଥିବା କ୍ଷୟକ୍ଷତି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଯୁବଗୋଷ୍ଠୀ, ଛାତ୍ରୀଛାତ୍ର, ଭଗତ ସେନାର କର୍ମକର୍ତ୍ତା, ଅବସରପ୍ରାପ୍ତ ସୈନିକଙ୍କୁ ନେଇ ସହରରେ ଶୋଭାଯାତ୍ରା ହୋଇଥିଲା। ପ୍ଲାକାର୍ଡ ମାଧ୍ୟମରେ ବିଭିନ୍ନ ସଚେତନତା ସ୍ଲୋଗାନ ଲେଖାଯାଇ ମାଇକ୍‌ରେ ପ୍ରଚାର କରାଯାଇଥିଲା। ଭଗତ ସେନାର ଆବାହକ ସୀତାଂଶୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଶନ କାର୍ଡ ବଣ୍ଟନ

**ତିହିଡ଼ି,୫।୧୧(ଡି.ଏନ.ଏ.):** ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ୫୭ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଥିଲେ। ସରପଞ୍ଚ ମାନସ ରଞ୍ଜନ ସାହୁ, ସମିତିସଭ୍ୟା ବିଦ୍ୟାବତୀ ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ଲିଙ୍ଗରାଜ ମହାନ୍ତି, କମଳାକାନ୍ତ ମାଝୀ, ସନ୍ତୋଷ ବିଶ୍ୱାଳ, ସୁବ୍ରତ ମହାନ୍ତି, ହରିଶ୍ଚନ୍ଦ୍ର ପରିଡ଼ା, ପୁରୁଷୋତ୍ତମ ବାରିକ, ମୁରଲୀଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୌରାଣିକ ଓ ସାମାଜିକ ଚିତ୍ରକଳ୍ପ ଆକର୍ଷଣ

- କାଳୀପୂଜା ପାଇଁ ବାସୁଦେବପୁର ଚଳଚଞ୍ଚଳ
- ୪ ମଣ୍ଡପରେ ପୂଜା ପାଇବେ ମା' କାଳୀ
- ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

**ବାସୁଦେବପୁର,୫।୧୧(ଡି.ଏନ.ଏ.)**

କାଳୀପୂଜା ପାଇଁ ଭଦ୍ରକ ଜିଲାର ବାସୁଦେବପୁର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ଏହି ଅଞ୍ଚଳରେ ୪ ପୂଜା ମଣ୍ଡପରେ ମା' କାଳୀ ପୂଜା ପାଇବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମା'ଙ୍କ ମୂର୍ତ୍ତି ଗଢା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଜିଲା ଓ ଜିଲା ବାହାରର ଶିଳ୍ପୀମାନେ ମା' କାଳୀଙ୍କ ସହିତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାରେ ଲାଗି ପଡ଼ିଛନ୍ତି। ୪ ପୂଜା ମଣ୍ଡପରେ ଏଥର ପୌରାଣିକ ଓ ସାମାଜିକ କଥାବସ୍ତୁ ଉପରେ ଆଧାରିତ ଚିତ୍ରକଳ୍ପ ମୁଖ୍ୟ ଆକର୍ଷଣ ସାଜିବ।

ସର୍ବପୁରାତନ କାଳୀ ମଣ୍ଡପ ଟ୍ରାଫିକ ଛକରେ ଚଳିତବର୍ଷ ପୌରାଣିକ ଚିତ୍ରକଳ୍ପ କୁମ୍ଭକର୍ଣ୍ଣଙ୍କ ନିଦ୍ରାଭଗ୍ନ କଥାବସ୍ତୁକୁ ଅତି ନିଖୁଣ ଭାବେ ଉପସ୍ଥାପିତ କରାଯିବ। ସେହିପରି କଳିଯୁଗର ଶ୍ରବଣ କୁମାର ଶୀର୍ଷକ ଏକ ସାମାଜିକ ବିଘଟନ ଚିତ୍ରକଳ୍ପ ପୂଜା ମଣ୍ଡପରେ



ଶିଳ୍ପୀମାନେ ସମୁଦ୍ର ମନ୍ଥନ ଚିତ୍ରକଳ୍ପରେ ରଙ୍ଗ ଦେଉଛନ୍ତି।

ସ୍ଥାନ ପାଇଛି। ଯୁବତୀଯୁବକ କିପରି ପଥଭ୍ରଷ୍ଟ ହେଉଛନ୍ତି ତା'ର ଚିତ୍ର ମଧ୍ୟ ଅବତାରଣ କରାଯାଇଛି। ବ୍ଲକରୋଡ ପୂଜା ମଣ୍ଡପରେ ପୌରାଣିକ ଉପଖ୍ୟାନ ସମୁଦ୍ର ମନ୍ଥନର ଚିତ୍ର ପ୍ରଦର୍ଶିତ ହେବ। ଡାକ୍ତରଖାନାରେ ଡାକ୍ତର କର୍ମଚାରୀ ଅଭାବରୁ ରୋଗୀ ଓ ଲୋକେ କିପରି ହଇରାଣ ହେଉଛନ୍ତି ସେ ସମ୍ପର୍କରେ ଏହି ପୂଜା ମଣ୍ଡପରେ ଏକ ସାମାଜିକ ସମସ୍ୟା ପ୍ରକଳ୍ପ ସ୍ଥାନ ପାଇଛି। ସେହିପରି କଚେରି ବଜାର ପୂଜା କମିଟିରେ ସୁନ୍ଦରୀ ବାଘର ମଣିଷ ଶିକାର ଚିତ୍ର ଅତି ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି। ଅନ୍ୟ ଦୁଇଟି ପୌରାଣିକ ଚିତ୍ରକଳ୍ପ ପ୍ରଦ୍ୟୁମ୍ନ ହରଣ ଓ ଅର୍ଜ୍ଜୁନ ଚିତ୍ରାଙ୍ଗଦା ପ୍ରଣୟର ଦୃଶ୍ୟ ଚିତ୍ରଣ କରାଯାଇଛି। ହାଇସ୍କୁଲରୋଡ କାଳୀପୂଜା ମଣ୍ଡପରେ ନିଶା ନିବାରଣ ସମ୍ପର୍କିତ ଏକ ଚିତ୍ରକଳ୍ପ ସ୍ଥାନିତ ହୋଇଛି। ତେବେ ଏଥର କାଳୀପୂଜାରେ ମଣ୍ଡପରେ ସାମାଜିକ ସମସ୍ୟା ଓ ପୌରାଣିକ ଚିତ୍ରକଳ୍ପ ଦର୍ଶକଙ୍କ ମନମୋହିବ ବୋଲି ପୂଜା କମିଟି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ବାସୁଦେବପୁର କାଳୀପୂଜାର ଐତିହ୍ୟ ସ୍ୱତନ୍ତ୍ର। ଏଠାରେ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ ଭାଇଚାରା ସମ୍ପର୍କ ମଧ୍ୟରେ ପୂଜା ପାଳନ କରିଥାନ୍ତି ବୋଲି ଟ୍ରାଫିକ ଛକରେ ଥିବା ଆମ କାଳୀପୂଜା କମିଟି ସଭାପତି କିଶୋର କୁମାର ମହାପାତ୍ର କହିଛନ୍ତି। ପୂଜା ମଣ୍ଡପରେ ସାମାଜିକ ଚିତ୍ର ଓ ପୌରାଣିକ କଥାବସ୍ତୁ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଛି ବୋଲି ବ୍ଲକରୋଡ ପୂଜା କମିଟି ଉପସଭାପତି ମୃତ୍ୟୁଞ୍ଜୟ ଅଗସ୍ତି କହିଛନ୍ତି। ହାଇସ୍କୁଲ ରୋଡ ପୂଜା କମିଟି ସଭାପତି ଡା. ସତ୍ୟେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି, ୪ କମିଟି ପରସ୍ପର ମଧ୍ୟରେ ସମନ୍ୱୟ ରଖି କାଳୀପୂଜାକୁ ଅଧିକ ଆକର୍ଷଣୀୟ କରିବା ସଦ୍‌ଭାବନାର ବାର୍ତ୍ତା ଦେଉଛି ବୋଲି ବସ୍‌ଷ୍ଟାଣ୍ଡ ପୂଜା କମିଟି କଚେରି ବଜାର ସଭାପତି ମଦନମୋହନ ମହାକୁଡ ମତ ରଖିଛନ୍ତି।

## 'ସଚେତନ ହେଲେ ଦୁର୍ନୀତି ହଟିବ'

**ଭଦ୍ରକ ଅଫିସ,୫।୧୧**

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ସଚେତନତା, ଦୃଢ ମାନସିକତା ଓ ନୈତିକତାର ଆବଶ୍ୟକତା ରହିଛି ବୋଲି ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ସଚେତନ ହୋଇପାରିଲେ ହିଁ ସମାଜରୁ ଦୁର୍ନୀତି ହଟିବ ବୋଲି ମତପ୍ରକାଶ ପାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି, ଆରକ୍ଷୀ ଅଧୀକ୍ଷକ ପଣ୍ଡିତ ରାଜେଶ ଉତ୍ତମ ରାଓ ମୁଖ୍ୟବକ୍ତା, ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ସେନାପତି ଓ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଦୁର୍ନୀତି ଏକ ସାମାଜିକ ବ୍ୟାଧି। ଏହା ଦେଶ ବିକାଶରେ ବାଧକ ବୋଲି କହିବା ସହ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ସଚେତନ ହେବାକୁ ଭିଜିଲାନ୍ସ ଏସ୍‌ପି ସେନାପତି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ରୟାଲ ଆବାସିକ ଉଚ୍ଚବିଦ୍ୟାଳୟର ଛାତ୍ର ଚିନ୍ମୟ ରଞ୍ଜନ ମିଶ୍ର, ସନ୍‌ସାଇନ୍ ମିଶନ ସ୍କୁଲର ଛାତ୍ରୀ ଅଲିଶା ବିଶ୍ୱାଳ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମାଧୁରୀ ମିଶ୍ର, ଏସବିଡି ଇଣ୍ଟରନ୍ୟାଶନାଲର ଛାତ୍ରୀ ଆକାଂକ୍ଷା ଦାସଗୋସ୍ୱାମୀ ପ୍ରମୁଖ ଦୁର୍ନୀତି ନିବାରଣ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ହାଇସ୍କୁଲ ଓ କଲେଜସ୍ତରରେ ଓଡ଼ିଆ, ଇଂଲିଶ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ସଂଗ୍ରାମୀଙ୍କ ସ୍ମୃତିଚାରଣ

**ଧାମନଗର,୫।୧୧(ଡି.ଏନ.ଏ.)**

ଧାମନଗର ବ୍ଲକ ନଦୀଗାଁ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ବୈଶାଖଙ୍କ ଏକାଦଶାହ ଦିବସରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ହରିହର ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଜଣେ ସାମାଜିକ କର୍ମୀ, ସ୍ୱାଧୀନତା ସଂଗ୍ରାମୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାବେଳେ ସେ ନଦୀଗାଁରେ ବିଭିନ୍ନ ବିଦ୍ୟାଳୟ ଏବଂ ମେଡିକାଲ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବକ୍ତାମାନେ ପ୍ରକାଶ କରିଥିଲେ। ସରପଞ୍ଚ ମନୋଜ ରାୟମହାପାତ୍ର, ପୂର୍ବତନ ସମିତିସଭ୍ୟ ବାବୁଲାଲ ସାହୁ, ଧାମନଗର ପ୍ରେସ୍ କ୍ଳବର କାର୍ଯ୍ୟକାରୀ ସଭାପତି କିଶାନ ରାଉତ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ଶିକ୍ଷାବିତ୍ ନରେନ୍ଦ୍ର ଗୋସ୍ୱାମୀ, ଦୁର୍ଯ୍ୟୋଧନ ତରାଇ, ଅଭିରାମ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

■ ଖାଦ୍ୟ ସୁରକ୍ଷା ଯୋଜନାରେ ଅନିୟମିତତା

## କଂଗ୍ରେସର ଆମରଣ ଅନଶନ

**ବାସୁଦେବପୁର,୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ବାସୁଦେବପୁର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି। ଦଳ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଦଳୀୟ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏହି ବ୍ଲକରେ ରାଶନ କାର୍ଡ ପ୍ରସ୍ତୁତି ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତ୍ତିରେ କାର୍ଡ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୂର୍ବରୁ ଦଳ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆମରଣ





ବ୍ଲକ କାର୍ଯ୍ୟାଳୟ ପରିସରରେ କଂଗ୍ରେସ କର୍ମକର୍ତ୍ତା ଅନଶନରେ ବସିଛନ୍ତି।

ଅନଶନ କରାଯାଇଛି ବୋଲି କୁହାଯାଇଛି। କଂଗ୍ରେସର ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ୫ ନମ୍ବର ଜୋନ୍ ସଭାପତି ପ୍ରଭାତ କୁମାର ବାରିକ, ନିରଞ୍ଜନ ପଲେଇ, ନିରଞ୍ଜନ ସ୍ୱାଇଁ, ସୁବ୍ରତ କୁମାର ରାୟ, ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ସଭାପତି ଉମାକାନ୍ତ ପାଢୀଙ୍କ ସମେତ କଂଗ୍ରେସର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ କର୍ମୀ ଉପସ୍ଥିତ ରହି ଅନଶନକାରୀଙ୍କୁ ନୈତିକ ସମର୍ଥନ ଜଣାଇଛନ୍ତି।

## 'ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିୟମିତ ବ୍ୟାୟାମ ଆବଶ୍ୟକ'

**ଭଣ୍ଡାରିପୋଖରୀ,୫।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମଞ୍ଜୁରି ସ୍ଥିତ ବଳଦେବଜୀଉ ହାଇସ୍କୁଲ ପରିସରରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର ମାନେ ଚକ୍ଷୁ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡ. ଜ୍ୟୋତିପ୍ରକାଶ ସ୍ୱାଇଁ, ଡ. ସ୍ୱାତୀ ସରିତା ନାୟକ, ବିନୋଦ ବିହାରି ପଣ୍ଡା, ମଧୁସ୍ମିତା ବିଶ୍ୱାଳ, ଇନ୍ଦ୍ରଜିତ ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ସଭାପତିତ୍ୱରେ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଡା. ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ଡା. ସ୍ୱାତୀ ସରୀତା ନାୟକ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରୀକ୍ଷା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଉପାଦେୟତା ସମ୍ପର୍କରେ ଅବଗତ କରାଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିୟମିତ ବ୍ୟାୟାମ ଯୋଗ କରିବାକୁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ। ଗୌରୀଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦାମୋଦର ଶତପଥୀ, ମୋନାଲିସା କର, ଅମୂଲ୍ୟ ମଲିକ, ଶୁଭେନ୍ଦୁ ମଲିକ, ବସନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

**ତିହିଡ଼ି,୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ନୂଆଗାଁ ପଞ୍ଚାୟତ ହଟପୁର ଗ୍ରାମର ପବିତ୍ରା ଜେନା(୫୦) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ରବିବାର ସନ୍ଧ୍ୟାରେ ସେ ଘର ପାଖ ବାଡ଼ିକୁ ଯାଇଥିଲେ। ସେଠାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା

**ଭଦ୍ରକ ଅଫିସ,୫।୧୧**

ଭଦ୍ରକ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା–୨୦୧୮ ବିନ୍ଦୁମାଧବ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲାସ୍କୁଲ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ବିନ୍ଦୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ମଲିକ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ୟାମସୁନ୍ଦର ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ୭ ବ୍ଲକରୁ ୧୨୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୪ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। କିଶୋର ଚନ୍ଦ୍ର ଦାସ, ଗଜେନ୍ଦ୍ର ଭାରତୀ, ତପନ ମିଶ୍ର, ରାଜେନ୍ଦ୍ର ନାୟକ, ହେମନ୍ତ ଜେନା, ରାଜେନ୍ଦ୍ର ବିଶ୍ୱାଳ, ମନୀନ୍ଦ୍ର ନାୟକ, ପ୍ରଭାତ ଜେନା, ସଂଗୀତା ବେହେରା, ଉର୍ମିରାଣୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ଅବହେଳା ନେଇ ଅସନ୍ତୋଷ

**ବାସୁଦେବପୁର,୫।୧୧(ଡି.ଏନ.ଏ.)**

ବାସୁଦେବପୁର ବ୍ଲକରେ ଥିବା ଦିବ୍ୟାଙ୍ଗ ମାନଙ୍କୁ ସରକାରୀ ଯୋଜନାରେ ସାମିଲ କ୍ଷେତ୍ରରେ ବ୍ଲକ କର୍ତ୍ତୃପକ୍ଷ ଓ ପ୍ରଶାସନ ପାତର ଅନ୍ତର କରୁଥିବା ସହିତ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେମାନଙ୍କର ଦାବି ଓ ସମସ୍ୟାକୁ ପୂରଣ କରା ନ ଗଲେ ଦିବ୍ୟାଙ୍ଗ ମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ସୋମବାର ବ୍ଲକ ପରିସରରେ ବ୍ଲକ ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜୀବ ଜ୍ୟୋତି, ବିଜୁ ଜ୍ୟୋତି, ଅଙ୍ଗନୱାଡ଼ି କେନ୍ଦ୍ରରେ ନିଯୁକ୍ତି, ଏସଏସଇପିଡି ନିଯୁକ୍ତି, ଋଣ ପ୍ରଦାନ ଭୂମିହୀନଙ୍କୁ ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ, ଏସ୍‌ସି ଲିଷ୍ଟରେ ନାମ ରଖିବା, ମାଗଣା ବସ ସେବା ଭଳି ସେମାନଙ୍କ ଦାବିକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ମଞ୍ଚ ପକ୍ଷରୁ ଗୁରମଣି ସେଠୀ, ବାସନ୍ତୀ ମଲିକ, ଚନ୍ଦ୍ରକାନ୍ତ ନାୟକ, କୃପାସିନ୍ଧୁ ବେହେରା, ଗୌରାଙ୍ଗ ସେଠୀ, ଭକ୍ତହରି ସେଠୀ, ରଣଜିତ ମହାନ୍ତି, ହେମନ୍ତ ଦାସ, କବିତାରାଣୀ ନାୟକ, ଶଙ୍କର୍ଷଣ ମହାନ୍ତି ପ୍ରମୁଖ ଦିବ୍ୟାଙ୍ଗ ମାନେ ସେମାନଙ୍କ ସମସ୍ୟା ନେଇ ବିଡିଓଙ୍କୁ ଭେଟିବାକୁ ଆସିଥିଲା ବେଳେ ବିଡିଓଙ୍କୁ ନ ପାଇ ନିରାଶ ହୋଇ ଫେରିଯାଇଥିଲେ।

## କବାଟ ତାଡ଼ି ଦୋକାନରୁ ଚୋରି

**ଧାମନଗର, ୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ବଜାରରେ ଥିବା ଜୟୀରାମ ସାହୁଙ୍କ ତେଜରାତି ଦୋକାନରୁ ରବିବାର ରାତିରେ କବାଟ ତାଡ଼ି ଚୋରି ହୋଇଛି। ଏନେଇ ଧୂଷୁରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଜୟୀରାମଙ୍କ ପୁଅ ରବିବାର ରାତିରେ ଦୋକାନରେ ତାଲା ପକାଇ ନିଜ ଘର ବନସରକୁ ପଳାଇଥିଲେ। ସୋମବାର ସକାଳେ ଆସି ଦୋକାନ ସମ୍ମୁଖ କବାଟ ତାଡ଼ି ଦିଆଯାଇଥିବା ଦେଖିଥିଲେ। ଚୋରି ହୋଇଥିବା ସନ୍ଦେହ କରି ସେ ଦୋକାନ ଭିତରକୁ ଯାଇ ନଗଦ ୩୦ ହଜାର ଟଙ୍କା ଏବଂ ପ୍ରାୟ ୩୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ସୂଚନାଥାଉ କି, କିଛିଦିନ ତଳେ ଧୂଷୁରୀ ବଜାରରୁ ଇପ୍‌ସିତା ଜୁଏଲାରୀ ଦୋକାନ ସମ୍ମୁଖ ତାଲା ଭାଙ୍ଗି ଚୋରି ହୋଇଥିଲା।

# ଦୁର୍ନୀତି ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ଘେରାଉ





ଭଦ୍ରକରେ ଆୟୋଜିତ ପ୍ରତିବାଦ ସଭା।

**ଭଦ୍ରକ ଅଫିସ,୫।୧୧**

ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ଭଦ୍ରକ ଜିଲାର ବିଭିନ୍ନ ବ୍ଲକ ଘେରାଉ କରାଯାଇଥିଲା। ଉପଜିଲାପାଳଙ୍କ ଫାଟକ ପାର୍ଶ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଭାଜପା ନେତା ତଥା କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ ଯୋଗଦେଇ ରାଜ୍ୟରେ ଅପାରଗ ସରକାର ରାଜୁତି କରୁଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଅଣଦେଖା କରାଯାଉଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ କରା ନ ଯିବା ନେଇ ସେ ପ୍ରଶ୍ନ ଉଠାଇଥିଲେ। ମହିଳା ନେତ୍ରୀ ମନସ୍ମିତା ଖୁଣ୍ଟିଆ, ପଞ୍ଚାନନ ନାୟକ, ବୀରେନ୍ଦ୍ର ଜେନା, ପ୍ରଭାତ ଜେନା, ଭାସ୍କର ସାହୁ, ପ୍ରଭାକର ସାମଲ, ଆଦିକନ୍ଦ ନାୟକ, ଉତ୍ତମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବାଦ ସଭା ପୂର୍ବରୁ ଦକ୍ଷିଣେଶ୍ୱର କାଳୀମନ୍ଦିର ନିକଟରୁ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଭଦ୍ରକ ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଟିପ୍ପଣୀ ରଖି ଭାଜପା ନେତାମାନେ ସମାଲୋଚନା କରିଥିଲେ। ଶେଷରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ବେଳକୁ କାର୍ଯ୍ୟାଳୟରେ ତାଲା ପକାଇ ଅଧିକାରୀ ଓ ଅନ୍ୟମାନେ କେଉଁଆଡ଼େ ଚାଲିଯାଇଥିବା କୁହାଯାଇଛି।

### ବନ୍ତ

ବନ୍ତରେ ଜଳସେଚନ କାର୍ଯ୍ୟାଳୟ ଛକଠାରୁ ୩ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ହାତରେ ବ୍ୟାନର ଓ ପତାକା ଧରି ବାଇକ୍ ରାଲିରେ ବାହାରିଥିଲେ। ଶୋଭାଯାତ୍ରା ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବନ୍ତ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଭାଜପା ଉପସଭାପତି ବିଷ୍ଣୁ ସେଠୀ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ପର୍ଯ୍ୟବେକ୍ଷକ ମୋହନ ଚରଣ ମାଝୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ଜିଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ଜିଲା ମହିଳାମୋର୍ଚ୍ଚା ଉପସଭାନେତ୍ରୀ ପ୍ରେମଲତା କର, ଜିଲା ମହିଳାମୋର୍ଚ୍ଚା ସମ୍ପାଦିକା ଜୟସ୍ମିତା ଗୋଚ୍ଛାୟତ, ରାଜ୍ୟ କୃଷକମୋର୍ଚ୍ଚା ସଭ୍ୟା ରୀତାରାଣୀ ବେହେରା, ମହତାବ ମଣ୍ଡଳ ସଭାପତି ଗୋପାଳକୃଷ୍ଣ ଦାଶ, ବରଡେଶ୍ୱର ମଣ୍ଡଳ ସଭାପତି ଗୌରହରି ନନ୍ଦ, ଆଇନଜୀବୀ ବନମାଳୀ ଜେନା, ବରିଷ୍ଠ ଭାଜପା ନେତା ଧ୍ରୁବ ଚରଣ ମାଝୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ବନ୍ତ ବ୍ଲକରେ ଅଘୋଷିତ ବିଦ୍ୟୁତ୍ କାଟ୍, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ଗମନାଗମନ ବ୍ୟବସ୍ଥା ନେଇ ସେମାନେ ବକ୍ତବ୍ୟ ରଖିଥିଲେ। ଏଥିସହ ବନ୍ତରେ ଟ୍ରେଜେରୀ ଅଫିସ, ଦମକଳ କେନ୍ଦ୍ର ନ ଥିବାବେଳେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଦିଗରେ ସ୍ଥାନୀୟ ରାଜନେତାଙ୍କ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହୋଇଥିଲା। ସେହିପରି ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ପ୍ରିୟାପ୍ରୀତି ତୋଷଣ କରାଯାଉଥିବା ଅଭିଯୋଗ କରାଯାଇଥିଲା। ହିତାଧିକାରୀ ପାଇଖାନା ତିଆରି କରି ବିଲ୍ ଅର୍ଥ ପାଉ ନ ଥିବାବେଳେ ପୁରୁଣା ପାଇଖାନାକୁ ଦେଖାଇ ବିଲ୍ ଉଠାଯାଉଛି କୁହାଯାଇଥିଲା। ଦୀର୍ଘ ୧୦ ବର୍ଷ ହେବ ଭଦ୍ରକ–ଆନନ୍ଦପୁର ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ତାହାକୁ ଶେଷ କରିବାରେ ଏହି ସରକାର ବିଫଳ ବୋଲି ଭାଜପା ନେତୃବୃନ୍ଦ କହିଥିଲେ।





ବାସୁଦେବପୁରରେ ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀ।

### ବାସୁଦେବପୁର

ଭାଜପା ବାସୁଦେବପୁର ଶାଖା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ବାଲିନଗର ଯାଦବପଡିଆଠାରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ସରକାର ବିରୋଧୀ ମନ୍ତବ୍ୟ ଦେଇ ବ୍ଲକ କାର୍ଯ୍ୟାଳୟ ପରିସରକୁ ଧସେଇ ପସିଥିଲେ। ସୋମବାର ସରକାରୀ କାର୍ଯ୍ୟ ଦିବସ ଥିଲେ ମଧ୍ୟ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ତାଲା ପଡ଼ିରହିଥିଲା। ଉତ୍ୟକ୍ତ ଲୋକେ ସରକାରୀ କାର୍ଯ୍ୟାଳୟରେ ତାଲା ପଡିଥିବା ଓ କର୍ମଚାରୀ ଏବଂ ବିଡିଓଙ୍କୁ ନ ପାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବ୍ଲକ ସାମ୍ନାରେ ନଗର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୋଗଦେଇ କହିଥିଲେ, ରାଜ୍ୟରେ ଏକ ଭ୍ରଷ୍ଟାଚାର ଓ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ପ୍ରଶାସନିକ ଅଧିକାରୀମାନେ ଶାସକ ଦଳର ହାତବାରିସୀ ସାଜି ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ବରିଷ୍ଠ ନେତା ମାଧବାନନ୍ଦ ମଲିକ ଯୋଗଦେଇ ରାଜ୍ୟ ସରକାର ଦୁର୍ନୀତିରେ ଉବୁଟୁବୁ ହେଉଥିବାରୁ ଲୋକଙ୍କ ସମସ୍ୟା ସମାଧାନ କରାଯାଇ ପାରୁନି ବୋଲି ଅଭିଯୋଗ ଉଠାଇଥିଲେ। ଭାଜପା ଜିଲା ଉପସଭାପତି ଅଶୋକ କୁମାର ସାହୁଙ୍କ ସମେତ ଜୋନ୍ ସଭାପତି ନିର୍ମଳ ପଣ୍ଡା, ତୁଷାର ରଥ, ଗିରିଜା ଶଙ୍କର ନାୟକ, ମୁକ୍ତିକାନ୍ତ ନାୟକ, ମନୋଜ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ୨ କାଠ କଟାଳି ଗିରଫ

ନୀଳଗିରି, ୫।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ କୁଲଡିହା ଅଭୟାରଣ୍ୟର ବାଲିଆନାଳ ବିଟ୍ ଖୋଦୁ ପୋଖରି ଗାଁ ନିକଟରେ ଅଭିଯୁକ୍ତ ଦ୍ୱୟ ଜଙ୍ଗଲରୁ ଚାର କୋଳି ଗଛ କାଟି ସାଇକେଲରେ ବୋଝେଇ କରି ଆସୁଥିବା ବେଳେ ବନବିଭାଗ ଚଢାଉକରି ଗିରଫ କରିଛନ୍ତି। ସେମାନେ ହେଲେ ଚତିରିପଡା ଗାଁର ହରିଶ୍ଚନ୍ଦ୍ର ହେମ୍ବ୍ରମ ଓ ଜିତିରାୟ କିସ୍କୁ। ଏନେଇ ବିଭାଗରେ ଏକ ମାମଲା(ନଂ.୧୩/୧୮) ରୁଜୁ ହୋଇଛି। ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ବନାଳ ପରମାନନ୍ଦ ନାୟକଙ୍କ ନେତୃତ୍ୱରେ ଏହି ପାଟ୍ରୋଲିଂ କରାଯାଇଥିଲା।

### ଚୋରା ଖାଦାନରେ ଚଢ଼ାଉ

ନୀଳଗିରି,୫।୧୧(ଡି.ଏନ.ଏ.): ନୀଳଗିରି ତହସିଲଦାର ସୋମବାର ମିରିଗିଣି ଗାଁର ଚୋରା ଖାଦାନରେ ଚଢାଉକରି ୩ହଜାର ଘନଫୁଟ ପଥର ଜବତ କରିଛନ୍ତି। ପଥରକୁ ଗାଡି ଯୋଗେ ବୋହି ଆଣି ତହସିଲ ଅଫିସ ପରିସରରେ ଗଦା କରାଯାଉଛି। ଜବତ ପଥରକୁ ନିଲାମ କରାଯିବ ବୋଲି ତହସିଲଦାର ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି। ମିରିଗିଣି ପାହାଡରେ ଚୋରା ବେପାରି ପଥର ଖାଦାନ କରି ବାହାରକୁ ଚାଲଣ କରୁଥିବାର ବିଶେଷ ସୂତ୍ରରୁ ଖବର ପାଇ ପୂର୍ବାହ୍ନରେ ପୋଲିସ ସହାୟତରେ ଚଢାଉ ହୋଇଥିଲା। ଏଥିରେ କାହାରିକୁ ଚିହ୍ନଟ କରାଯାଇ ନାହିଁ ବୋଲି କୁହାଯାଇଛି।

### ବିଷ୍ଣୁଙ୍କ ବାର୍ଷିକ ପୂଜୋତ୍ସବ



ରୂପ୍ସା, ୫।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍ସା ଥାନା ରାଉତପଡ଼ା ପଞ୍ଚାୟତ ବାରାପାଳ ଗାଁରେ ଚଳିତବର୍ଷ ବିଷ୍ଣୁଙ୍କ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ୪ଦିନ ବ୍ୟାପୀ ଅନୁଷ୍ଠିତ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀ ଭିନ୍ନ ଭିନ୍ନ ଅବତାରରେ ପ୍ରତିବର୍ଷ ପ୍ରଭୁ ବିଷ୍ଣୁ ଦେବଙ୍କର ଯଥାବିଧି ପୂଜାର୍ଚ୍ଚନା କରିଥାନ୍ତି। ଏଥର ରାମ ଅବତାରରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଳୁମାନେ ଆଶିଷ ଲଭିଛନ୍ତି। ପଣ୍ଡିତ ଗୋପାଳ ଚନ୍ଦ୍ର ଦାଶ ଓ ଗଙ୍ଗାଧର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୩ ଦିନ ଭଗବାନ ଶ୍ରୀକୃଷ୍ଣଙ୍କର ସମସ୍ତ ଲୀଳା ସମ୍ପର୍କିତ ହରିବଂଶ ପାଠ କରାଯାଇଥିଲା। ଗାଁର ମୁରବୀ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପୁରୁଷୋତ୍ତମ ତ୍ରିପାଠୀଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ୍ତ ପାଣିଗ୍ରାହୀ, ଶଙ୍କର୍ଷଣ ପତି, କାଳିଚରଣ ପତି ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ନୃତ୍ୟ ପରିବେଷଣ ହୋଇଥିଲା। ପୂଜା ମଣ୍ଡପରେ ଆଖପାଖ ଗାଁରୁ ପ୍ରବଳ ଜନସମାଗମ ହୋଇଥିଲା।

# ୧୪ ମଣ୍ଡପରେ ବିରାଜିବେ ମା’

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୫।୧୧

ଖଇରା ବ୍ଲକର ୧୪ଟି ମଣ୍ଡପରେ ମା’ କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ମା’ ଖର୍ପରଧାରିଣୀଙ୍କ ଆଗମନ ପାଇଁ ଭଳିକି ଭଳି ତୋରଣ ଓ ଆଲୋକ ସାଜସଜ୍ଜାରେ ଆୟୋଜକମାନେ ଲାଗି ପଡିଛନ୍ତି। ପୂଜାକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ଲାଗି କର୍ମକର୍ତ୍ତାଙ୍କ ପ୍ରସ୍ତୁତି ବୈଠକ ଚାଲିଛି। ମଣ୍ଡପରେ ଡିଜେକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ପାଇଁ ଖଇରା ଥାନା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖଇରା ବ୍ଲକର କେତୋଟି ମୁଖ୍ୟ ପୂଜା ମଣ୍ଡପ ହେଉଛି ତୁଡିଗଡିଆ, ଗଣ୍ଡିବେଡ, ଅଡା, କୁରୁଣ୍ଟା ଓ କୁପାରୀ।

### ତୁଡିଗଡିଆ ମଣ୍ଡପ: ଆକର୍ଷଣ ପଞ୍ଜାବ ଟ୍ରେନ ଦୁର୍ଘଟଣା

ଖଇରା ବ୍ଲକର ସଂଗ୍ରାମୀ ପୀଠ ଭାବେ ପରିଚିତ ରକ୍ତତୀର୍ଥ ତୁଡିଗଡିଆର କାଳୀ ପୂଜା ସ୍ୱାଧୀନତା ସଂଗ୍ରାମ ସହ ଅନେକାଂଶରେ ଜଡିତ। ୧୯୨୦ ମସିହାରେ ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିବା ବେଳେ ଏହି ପୂଜା ଆରମ୍ଭ ହୋଇଥିଲା। ତତ୍କାଳୀନ ଗ୍ରାମ ମୁଖିଆ ବିଶ୍ୱନାଥ ଘଡେଇ, ବାଉଲି ମହାନ୍ତି, ଲକ୍ଷ୍ମଣ ଧର, ଗୋପୀନାଥ ବେହେରା, ଭାଗବତ ମହାନ୍ତି, ମିର ହାଲିମ ଓ ଲାବଣ୍ୟନିଧି ପାଢୀଙ୍କ ଦ୍ୱାରା ପ୍ରଥମେ ପୂଜା ଏକ ଝାଟିମାଟି ଛପର ଘରେ ଛୋଟ ଆକାରରେ ଆରମ୍ଭ ହୋଇଥିଲା। ପରେ କିଛି ବର୍ଷ ପଲିଥିନ ତଳେ ଚାଲିଥିଲା। ସ୍ୱାଧୀନତା ସଂଗ୍ରାମରେ ଇଂରେଜଙ୍କୁ ବିତାଡିତ କରିବାକୁ ଏହି ପୂଜା ଆରମ୍ଭର ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଏ। ବର୍ତ୍ତମାନ ପୂଜାର ଦାୟିତ୍ୱ ବଜାର କମିଟି ଅଧୀନରେ ରହିଛି। ଦର୍ଶକଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ପୂଜା କମିଟି ସଭାପତି ସାଧୁରାମ ଗୁପ୍ତା ଓ ସମ୍ପାଦକ ବସନ୍ତ କୁମାର ସାହୁ କହିଛନ୍ତି। ଚଳିତବର୍ଷ ପଞ୍ଜାବର ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ଓ ପୌରାଣିକ ଘଟଣା ସମୁଦ୍ର ମନ୍ଥନ ମଣ୍ଡପରେ ସ୍ଥାନ ପାଇଛି।

### ଗଣ୍ଡିବେଡ଼ ମଣ୍ଡପ: ସୁନ୍ଦରୀ ପଛରେ ବନ ବିଭାଗ

ଖଇରା ବ୍ଲକର ଗଣ୍ଡିବେଡ ବଣିକ ସଂଘ ପକ୍ଷରୁ ପ୍ରଥମ କରି କାଳୀପୂଜା ଆରମ୍ଭ ହେବାକୁ ଯାଉଛି। ସଭାପତି ଇଂ. ରାଜେଶ ମହାକୁଡ ଓ ସମ୍ପାଦକ ଅଭିମନ୍ୟୁ ରାଉଳଙ୍କ ତତ୍ତ୍ୱାବଧାନରେ ୭ରୁ ୧୪ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ବର୍ତ୍ତମାନ ସାତକୋଶିଆର ସୁନ୍ଦରୀ ବାଘକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଲାଗି ରହିଥିବାରୁ ପୂଜା କମିଟି ଏହାକୁ ପାର୍ଶ୍ୱ କଳାକୃତି ଭାବେ ସ୍ଥାନ ଦେଇଛି।

### ଅଡ଼ା ମଣ୍ଡପ: ନାରୀର ଉଗ୍ର ଆଧୁନିକତା ଉପରେ ପର୍ଯ୍ୟବସିତ ‘ଈଶ୍ୱର ବେହେରା ଝିଅ’

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଚନ୍ଦନପୁର ଗ୍ରାମରେ ଅଡାକାଳୀ ଭାବେ ପୂଜା ପାଉଥିବା ମା’ କାଳୀଙ୍କ ପୂଜା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା କୁହାଯାଏ। ସଭାପତି ଚୈତନ୍ୟ ପଣ୍ଡା ଓ ସମ୍ପାଦକ ହେମନ୍ତ କୁମାର ବନ୍ଧଙ୍କ ତତ୍ତ୍ୱାବଧାନରେ ଏହି ପୂଜା ୯ ଦିନ ଧରି ଚାଲିବ। ମୀନାବଜାର ସାଙ୍ଗକୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨ଦିନ ଧରି ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଲୋକକଥା ଅନୁଯାୟୀ ଚନ୍ଦନପୁର ଗ୍ରାମର ସ୍ୱର୍ଗତ ଅନନ୍ତ ପାଣିଗ୍ରାହୀ ଅଡା ଏମ୍‌ଇ ସ୍କୁଲ ଓ ଅଡା ହାଇସ୍କୁଲର ମୁଖ୍ୟ ପୁରୋଧା ଥିଲେ। ଛାତ୍ରୀଛାତ୍ର ତଥା ବ୍ୟବସାୟୀଙ୍କ କଲ୍ୟାଣ ନିମିତ୍ତ ସେ ସହଯୋଗୀ ବାସୁଦେବ ପଣ୍ଡାଙ୍କ ସହିତ ମିଶି ପୂଜା ଆରମ୍ଭ କରିଥିଲେ। ପୂଜାର ଖର୍ଚ୍ଚ ବହନ ପାଇଁ ଜମିଦାନ ମଧ୍ୟ କରିଥିଲେ। ଚଳିତବର୍ଷ ମହିଳାମାନଙ୍କର ଆଧୁନିକତା ଓ ଆଚରଣକୁ ନେଇ ଆରଗାଁ ଈଶ୍ୱର ବେହେରା ଝିଅ ଓ ଅନ୍ୟ କିଛି ପୌରାଣିକ ପ୍ରସଙ୍ଗ ପାର୍ଶ୍ୱମୂର୍ତ୍ତି ଭାବେ ମଣ୍ଡପରେ ସ୍ଥାନିତ ହେବାକୁ ଯାଉଛି।



ସୁନ୍ଦରୀକୁ ନେଇ ଗଣ୍ଡିବେଡଠାରେ ନିର୍ମିତ ହେଉଥିବା ମୂର୍ତ୍ତି।

### କୁରୁଣ୍ଟା ମଣ୍ଡପ: ରୋଗୀଙ୍କ ମଙ୍ଗଳ ପାଇଁ ଆରମ୍ଭ ହୋଇଥିଲା ପୂଜା

ଅନ୍ୟୁନ ୫୦ବର୍ଷ ତଳେ ଖଇରା ବ୍ଲକର କୁରୁଣ୍ଟା ବଜାର ୨ କିମ୍ବା ୩ଟି ଦୋକାନକୁ ବୁଝାଉଥିଲା। ସେ ସମୟରେ ତିହିଡି ଅଞ୍ଚଳରୁ ଭାଗୀରଥି ନାୟକ ନାମକ ଜଣେ ଚିକିତ୍ସକ କୁରୁଣ୍ଟା ଆସି ଛକରେ ଏକ ଝାଟିମାଟି ଘରେ ରୋଗୀସେବା ଆରମ୍ଭ କରିଥିଲେ। ରୋଗୀଙ୍କଠାରୁ ଅଳ୍ପ ପାଉଣାରେ ଏହି ଚିକିତ୍ସା କରୁଥିଲେ। ରୋଗୀଙ୍କ ମଙ୍ଗଳ କାମନା କରି ପ୍ରଥମେ ବଜାରରେ କାଳୀପୂଜା ଆରମ୍ଭ କରିଥିଲେ। ରୋଗୀ ଦେଖା ଆୟରୁ କିଛି ଅଂଶ ଏହି ପୂଜା ପାଇଁ ଖର୍ଚ୍ଚ କରୁଥିଲେ। ସେତେବେଳେ ଗ୍ରାମବାସୀ ମଧ୍ୟ ତାଙ୍କୁ ସହଯୋଗର ହାତ ବଢାଇଥିଲେ। ସେହିଦିନଠାରୁ ପୂଜା ପାରମ୍ପରିକ ରୀତିରେ ଚାଲିଆସୁଛି। ଚଳିତ ପୂଜା କମିଟି ସଭାପତି ଭାସ୍କର ପାଢୀ ଓ ସମ୍ପାଦକ ଗୋବିନ୍ଦ ବେହେରା ତଥା ବଜାରବାସୀ ପୂଜା ତଥା ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି।

### କୁପାରୀ ମଣ୍ଡପ: ପାଠାଗାର ସଦସ୍ୟଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ପୂଜା

ବାଲେଶ୍ୱର ଜିଲାର ସାଂସ୍କୃତିକ ତଥା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ କୁପାରୀର କାଳୀପୂଜା ମଧ୍ୟ ୫୦ବର୍ଷ ତଳୁ ଆରମ୍ଭ ହୋଇଥିବା କୁହାଯାଏ। ୧୯୬୮ମସିହାରେ କୁପାରୀରେ ଏକ ପାଠାଗାର ଖୋଲାଯାଇଥିଲା। ସ୍ୱର୍ଗତ ରାମଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ମହାପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ହଳଧର ମହାପାତ୍ର ଏଥିରେ ପରିଚାଳନା ଦାୟିତ୍ୱରେ ଥିଲେ। ସେହିବର୍ଷଠାରୁ ପାଠାଗାର ସହ ପୂଜା ମଧ୍ୟ ଆରମ୍ଭ ହୋଇଥିବା କୁହାଯାଏ। ଚଳିତ ବର୍ଷ କମିଟି ସଭାପତି ଚିନ୍ତାମଣି ସାହୁ ଓ ସମ୍ପାଦକ ବାପୁନୁ ବିଶ୍ୱାଳ ତଥା କୁପାରୀ ବଜାର ବ୍ୟବସାୟୀଙ୍କ ସହଯୋଗରେ ପୂଜା ଆୟୋଜନ କରାଯାଉଛି। ଏହାବ୍ୟତୀତ ବ୍ଲକର ବାରାପୁର, ଡୁଙ୍ଗୁରା, ଗର୍ସଙ୍ଗ, କଲରାପାଳ ଛକ, ଓଝାପୋଖରୀ, ବୁଢାଗଡିଆ, ଖଇରା, ଅଳିପୁର, ତରାଙ୍ଗ ଓ ସୁଣ୍ଡିରା ଆଦି ସ୍ଥାନରେ ପୂଜା ଧୂମ୍‌ଧାମରେ ପାଳନ କରିବାକୁ କମିଟି ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଇଛି।

# ଗ୍ରାମବାସୀଙ୍କୁ ସଚେତନତା ବାର୍ତ୍ତା ଦେଲେ ଶିବିରାର୍ଥୀ

ଖଇରା, ୫।୧୧(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ୱାର୍ଡସଭ୍ୟ ସନାତନ ଦଳେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଧିକାରିଣୀ ଜ୍ୟୋତ୍ସ୍ନାବାଳା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୫ଜଣ ଶିବିରାର୍ଥୀ କୁମ୍ଭକା ଗ୍ରାମରେ ରହି ଗ୍ରାମ ସଫେଇ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଭଳି ଅନେକ କାର୍ଯ୍ୟ ହାତକୁ ନେଇଥିଲେ। ମଙ୍ଗଳବାର ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ଦେବାଶିଷ ପଟ୍ଟନାୟକ, ସ୍ୱାସ୍ଥ୍ୟକର୍ମୀ ମୁକ୍ତିକାନ୍ତ ପଣ୍ଡା ଯୋଗଦେଇ ରୋଗରେ ପୀଡିତ ପୂର୍ବରୁ ପ୍ରତିରୋଧ ପ୍ରତି ସଚେତନ ହେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା।

## ଏନ୍‌ଏସ୍‌ଏସ୍ କ୍ୟାମ୍ପ୍ ଉଦ୍‌ଯାପିତ



ପ୍ରମାଣପତ୍ର ସହ ଶିବିରାର୍ଥୀ।

ଗୁରୁବାର ଗ୍ରାମ ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନାତନ ଦଳେଇ, ବଳରାମ ଦାସ, ପ୍ରହଲ୍ଲାଦ ଦଳେଇ, ଲକ୍ଷ୍ମୀଧର ପାଣିଗ୍ରାହୀ, ହରମୋହନ ପଣ୍ଡା ସହାୟତା କରିଥିଲେ। ଉଦ୍‌ଯାପନୀ ଦିବସରେ ଯୋଗଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ସମସ୍ତ ଗ୍ରାମବାସୀଙ୍କୁ ଯୋଗର ଉପକାରିତା ବିଷୟରେ କହିବା ସହ ବିଭିନ୍ନ ଯୋଗ ଶିଖାଇଥିଲେ। ଶେଷରେ ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଅଧ୍ୟକ୍ଷା ଅନିତାରାଣୀ ନାୟକ, ଅଧ୍ୟାପିକା ମମତାମୟୀ ପଣ୍ଡା ଓ ଅଳକାନନ୍ଦା ସାହୁ, ଅଧ୍ୟାପକ ବସନ୍ତ ସୁତାର, କର୍ମଚାରୀ ମହେଶ୍ୱର ଦାସ, ବୀଣାପାଣି ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ରମା ଦାସ, ଗାୟତ୍ରୀ ଦାସ, ଗ୍ରାମବାସୀ ଅଭିମନ୍ୟୁ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପାର ବ୍ଲକ ଘେରାଉ

ଭୋଗରାଇ, ୫।୧୧(ଡି.ଏନ.ଏ.)

ଦୀର୍ଘବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନକୁ ରାଜ୍ୟ ସରକାର ବଦଳାଇ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ନାମରେ ନାମିତ କରି ପ୍ରତାରଣା କରିଛନ୍ତି। ଏଭଳି ଅପାରଗ ଓ ଭ୍ରଷ୍ଟାଚାର ସରକାର ବିରୋଧରେ ବ୍ୟାପକ ଜନମତ ଜାଗରଣ କରାଯାଇ କେନ୍ଦ୍ରସରକାରଙ୍କ ୧ଶହରୁ ଊର୍ଦ୍ଧ୍ୱ ଜନହିତକର କାର୍ଯ୍ୟକୁ ସଫଳ କରିବାକୁ ହେଲେ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କରିବାକୁ ପଡିବ ବୋଲି ସୋମବାର ଭୋଗରାଇ ନିର୍ବାଚନ ମଣ୍ଡଳୀର ଭାଜପା ପକ୍ଷରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନେ ମତବ୍ୟକ୍ତ କରିଛନ୍ତି।

ଭୋଗରାଇ ଭାଜପା ଶାଖା ନେତା ପରେଶ ଚନ୍ଦ୍ର ନାୟକ, ସଞ୍ଜିବ କୁମାର ସାହୁ, ମାନସ ମହାନ୍ତି, ସୁନିଲ କର, ଅମଳେନ୍ଦୁ ଦାସ, ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ସତ୍ୟବ୍ରତ ଜେନା ଏବଂ ୫୦ ପଞ୍ଚାୟତର ନେତାଙ୍କ ନେତୃତ୍ୱରେ ଥାନା ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଦୀର୍ଘ ସମୟ ଧରି ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲା ସମ୍ପାଦିକା ସଂଯୁକ୍ତା ମହାପାତ୍ର, ସମ୍ପାଦକ ଏବଂ ପ୍ରଭାରୀ ଅଜୟ କୁମାର ସାହୁ ପ୍ରମୁଖ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରି ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତା ଦେବାକୁ ଆହ୍ୱାନ ଦେଇଥିଲେ। ପରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିରେ ଏକ ସ୍ମାରକପତ୍ର ବିଡ଼ିଓ ଏବଂ ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

# ପଲିଥିନ ବ୍ୟବହାର ନ କରିବାକୁ ସଂକଳ୍ପ

ଖଇରା, ୫।୧୧(ଡି.ଏନ.ଏ.)

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ବେଗୁନିଆ ୟୁଜିୟୁପି ବିଦ୍ୟାଳୟରେ ଶନିବର ପଲିଥିନ ବ୍ୟବହାରର ଭୟାବହତାକୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ପରିବେଶବିତ ପୂର୍ଣ୍ଣଚନ୍ଦ୍ର ସେଣ୍ଠଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ରଙ୍କର ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ପ୍ରଧାନଶିକ୍ଷକ କମଳାକାନ୍ତ ସେଣ୍ଠ ଏଥିରେ ପୌରୋହିତ୍ୟ କରିଥିଲେ। ଜଳଙ୍ଗ ଗଣ୍ଡିବେଡର ସିଆରସିସି ତପନ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବେଶ ଉପରେ ପଲିଥିନର କୁପ୍ରଭାବକୁ ନେଇ ବକ୍ତବ୍ୟ ରଖିଥିଲେ। ପରେ ପଲିଥିନ ବ୍ୟବହାର ନ କରିବାକୁ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ମାନେ ସଙ୍କଳ୍ପ ନେଇଥିଲେ।

# ରେଳ ଧାରଣାରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବସ୍ତା,୫।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଅମର୍ଦ୍ଦାରୋଡ଼ ନିକଟସ୍ଥ ଡାଉନ ରେଳଧାରଣା ପାର୍ଶ୍ୱରୁ ଜଣେ ୬୦ବର୍ଷର ବୃଦ୍ଧାଙ୍କ ମୃତଦେହକୁ ବିଭାଗୀୟ ପୋଲିସ ଉଦ୍ଧାର କରିଛି। ମୃତ ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ଭିକାରୁଣୀ ବୋଲି କୁହାଯାଉଛି। ଏନେଇ ରେଳବାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯୪/୧୮) ରୁଜୁ କରିବା ସହ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି।



ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା ନେତା ଓ କର୍ମୀମାନେ ଧାରଣା ଦେଇଛନ୍ତି।

# ଶାସକ, ପ୍ରଶାସକଙ୍କ ବିରୋଧରେ ବର୍ଷିଲା ଭାଜପା

ଜଳେଶ୍ୱର, ୫।୧୧(ଡି.ଏନ.ଏ.)

ରାଜ୍ୟ ଭାଜପାର ନିଷ୍ପତ୍ତିକ୍ରମେ ସୋମବାର ଜଳେଶ୍ୱର ବ୍ଲକ ଓ ନଗର ଭାଜପା ପକ୍ଷରୁ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଉ କରିଥିଲେ। ବ୍ଲକରେ ଚାଲିଥିବା ପିସି କାରବାର, କେନ୍ଦ୍ରୀୟ ଅନୁଦାନକୁ ଶାସକ ଦଳର କର୍ମୀମାନଙ୍କୁ ପ୍ରଦାନ କରିବା, ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ସୁରକ୍ଷା ଦେଇ ଶାସକ ଦଳର ନେତୃବୃନ୍ଦ ନିଜେ ମାଲାମାଲ ହେବା ଆଦି ପ୍ରସଙ୍ଗ ନେଇ ଭାଜପା ନେତୃବୃନ୍ଦ ଓ କର୍ମୀ ଖୁବ୍ ବର୍ଷିଥିଲେ। ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଜୟନାରାୟଣ ମହାନ୍ତି ଯୋଗଦେଇ ସରକାରୀ ଦଳର ଉଭୟ ଶାସକ ଓ ପ୍ରଶାସକମାନେ ଦୁର୍ନୀତିଠାରୁ ଦୂରେଇ ଯାଇ ସୁଧୁରିଯାନ୍ତୁ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ସମାବେଶରେ ଶାନ୍ତନୁ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ମଦନମୋହନ ଦତ୍ତ, ଜଳେଶ୍ୱର ନିର୍ବାଚନମଣ୍ଡଳୀ ପ୍ରଭାରୀ ତଥା ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ସିକନ୍ଦର ଅଲ୍ଲୀ, ସତ୍ୟଜିତ ମିଶ୍ର, ଗୌରାଙ୍ଗ ଦାସ, ମହେନ୍ଦ୍ରନାଥ ଦାସ, ଆଶ୍ରୟାନନ୍ଦ ଜୀ ମହାରାଜ, ଶୁଭଙ୍କର ମହାପାତ୍ର ପ୍ରମୁଖ ରାଜ୍ୟ ତଥା ଜିଲା ନେତୃବୃନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ ବିରୋଧରେ ବକ୍ତବ୍ୟ ଦେଇଥିଲେ। ଭାଜପା କର୍ମୀ ଧ୍ରୁବଚରଣ ପାଳ, ଯୁବନେତା ସୁବ୍ରତ ଘୋଷ, ମାନସ ଦାସମହାପାତ୍ର, ନେତ୍ରୀ ପ୍ରମିଳା ସାମଲ, ଅଭିପ୍ସା ନାୟକ, ଦିବ୍ୟକାମ ମହାନ୍ତି, ପ୍ରାଣକୃଷ୍ଣ ଦେ, ସତ୍ୟରଞ୍ଜନ କର ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିବାରେ ସହଯୋଗ କରିଥିଲେ। ସଭା ପୂର୍ବରୁ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଡାକବଙ୍ଗଳାରୁ ବାହାରି ବିକ୍ଷୋଭ ସ୍ଥଳରେ ପହଞ୍ଚିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ ଓ ଆଇଆଇସି ପ୍ରଦୀପ କୁମାର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ବିକ୍ଷୋଭ ସ୍ଥଳରେ ଉପସ୍ଥିତ ଥିଲେ।

# ୩ ରାସ୍ତା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ

## ଦିବ୍ୟାଙ୍ଗଙ୍କୁ ହୁଇଲଚେୟାର ବଣ୍ଟନ

ଭୋଗରାଇ, ୫।୧୧(ଡି.ଏନ.ଏ.)

ରାଜ୍ୟ ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଭୋଗରାଇ ନିର୍ବାଚନମଣ୍ଡଳୀକୁ ରବିବାର ତୋଫାନୀ ଗସ୍ତ କରି ଫେରିଛନ୍ତି। ମନ୍ତ୍ରୀ ଦାସ ସୁଲତାନପୁର ପଞ୍ଚାୟତ ଈଶ୍ୱରପୁରଠାରୁ ଖରସୁଆ ଭାୟା କାଞ୍ଚନଗଡ଼ିଆ ରାସ୍ତା ୧କୋଟି ୬୯ଲକ୍ଷ ୯୬ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ରାସ୍ତାକୁ ଭିତ୍ତିପ୍ରସ୍ତର କରିଥିବା ବେଳେ ଜୟରାମପୁର ସୋସାଇଟି ଅଫିସଠାରୁ ଖଡ଼ିକାବାଡ଼ି ରାସ୍ତା ୨କୋଟି ୭୪ଲକ୍ଷ ୫୬ହଜାର ଟଙ୍କା ଓ କାନପୁର ଜେ.ବି.ସି ରାସ୍ତାରୁ ଅଉରଙ୍ଗାବାଦ ୧କୋଟି ୬୯ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ମୁଖ୍ୟମନ୍ତ୍ରୀ ସଡ଼କକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବ୍ଲକରେ ୩୦ଜଣ ଭିନ୍ନକ୍ଷମଙ୍କୁ ମନ୍ତ୍ରୀ ହୁଇଲ ଚେୟାର, ଟ୍ରାଏସାଇକେଲ, ଆଶାବାଡ଼ି ଓ ଅନ୍ଧବାଡ଼ି ବଣ୍ଟନ କରିଛନ୍ତି। ମନ୍ତ୍ରୀଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଦୀପକ କୁମାର ଦାସ, ବିଜେଡି ସଭାପତି ରମାକାନ୍ତ କରଣ, ସରପଞ୍ଚ ପ୍ରବୀର କୁମାର ଗିରି, ତପନ କୁମାର ପଣ୍ଡା, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପରିଷଦ ସଦସ୍ୟା ସର୍ବେଶ୍ୱର ନାୟକ, ଦେବାଶିଷ ଚାନ୍ଦ ଓ ଦଳୀୟ ନେତା, ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ ପ୍ରମୁଖ ସାମିଲ ଥିଲେ।



ବ୍ଲକ ପରିସରରେ ମନ୍ତ୍ରୀ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

# କାଳୀପୂଜା ପାଇଁ ପୋଡ଼ାଶୁଳ ଚଳଚଞ୍ଚଳ

ସଜନାଗଡ଼, ୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ୧୯ନଂ. ରାଜ୍ୟ ରାଜପଥକୁ ଲାଗି ପୋଡ଼ାଶୁଳରେ ପ୍ରସିଦ୍ଧ କାଳୀ ପୂଜା ପାଇଁ ପରିବେଶ ଚଳଚଞ୍ଚଳ ହୋଇଛି। ପାରମ୍ପରିକ ମେଢ଼ ସାଙ୍ଗକୁ ଆଲୋକ ସାଜସଜ୍ଜା କାର୍ଯ୍ୟ ଆରମ୍ଭ ହୋଇଛି। ମଣ୍ଡପରେ ଚିତ୍ରଶିଳ୍ପୀମାନେ ମା’ଙ୍କର ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। ରୀତି, ନୀତି, ପରମ୍ପରା ଅନୁସାରେ ଦୀପାବଳି ତିଥିରୁ ପୂଜା ମଣ୍ଡପରେ ପୂଜାପାଠ ଅନୁଷ୍ଠିତ ହେବ। ଏହାର ପାଖଆଖ ଅଞ୍ଚଳରେ ସଜନାଗଡ଼, ନୀଳଗିରି ଅଞ୍ଚଳ ସଜେଇ ହେଲାଣି। ପୋଡ଼ାଶୁଳ କାଳୀପୂଜାର ଅନ୍ୟତମ ବିଶେଷତ୍ୱ ହେଲା ବିଭିନ୍ନ ଦୂରସ୍ଥାନରୁ ବ୍ୟବସାୟୀମାନେ ଆସି ୧୨ଦିନ ପାଇଁ ଏଠାରେ ପସରା ମେଲାଇଥାନ୍ତି। ଆସନ୍ତା ୧୩, ୧୪ ଓ ୧୫ତାରିଖରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ ପାଇଁ ଅନୁମତି ରହିଥିବାରୁ ପୂଜା କମିଟି ମଧ୍ୟରେ ଉତ୍ସାହ ଦେଖାଦେଇଛି। ଉଭୟ ସାଂସ୍କୃତିକ ଓ ବ୍ୟବସାୟିକ ଗୁରୁତ୍ୱ ବହନ କରୁଥିବା ପୋଡ଼ାଶୁଳ କାଳିପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଏହାର ସୁପରିଚାଳନା ପାଇଁ ପୂଜା କମିଟି ସଭାପତି ଭାସ୍କର ମିଶ୍ର, ସମ୍ପାଦକ ମନ୍ମଥ ଶତପଥୀ, ଯାତ୍ରୀ କମିଟି ସଭାପତି ଅଶୋକ କୁମାର ଦାସ, ସମ୍ପାଦକ ନରହରି ଜେନା, ବଜାର କମିଟି ସମ୍ପାଦକ ବିକାଶ ପତି, ସଭାପତି ହରେକୃଷ୍ଣ ମହାକୁଡ଼ଙ୍କ ସହ କର୍ମକର୍ତ୍ତା ସୁରେଶ ଧୀର, ରାଜୀବ ଦାସବାବୁ, ମନୋଜ ଲେଙ୍କା, କୈଳାସ ମହାନ୍ତି, ଶିବୁ ଦାସବାବୁ, ଲିଟୁ ପତି, ବିନୋଦ ମହାନ୍ତି, ବଳରାମ ବିଶ୍ୱାଳ ଦିନରାତି ଏକ କରି କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଆସନ୍ତା ୭ ତାରିଖ ଦୀପାବଳି ଥିବା ବେଳେ ଚଳିତବର୍ଷ ୭ତାରିଖ ପରିବର୍ତ୍ତେ ଆସନ୍ତା ୬ରୁ ୧୮ ତାରିଖ ପର୍ଯ୍ୟନ୍ତ କମିଟିର କର୍ମକର୍ତ୍ତାମାନେ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପାଇଥିବା ସୂଚନା ରହିଛି। ୬ତାରିଖରୁ ପୂଜା ମଣ୍ଡପରେ ଘଟ ସ୍ଥାପନ, ପ୍ରାଣ ପ୍ରତିଷ୍ଠା ଭଳି ଅନ୍ୟାନ୍ୟ ରୀତିନୀତି କାର୍ଯ୍ୟକ୍ରମ ହେବ। ପୂଜା ପରେ ଆସନ୍ତା ୧୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାପଡ଼ିଛି।



ମଣ୍ଡପରେ ମୂର୍ତ୍ତି ନିର୍ମାଣ ଚାଲିଛି।

## ସଂକ୍ଷେପରେ

### ଭିଡିଓ କନଫରେନ୍ସିଂ ହଲ ଲୋକାର୍ପିତ

**ଠାକୁରମୁଣ୍ଡା,୫।୧୧(ଡି.ଏନ.ଏ.):** ଠାକୁରମୁଣ୍ଡା ବ୍ଲକ ପରିସରରେ ନୂତନ ଭାବେ ହୋଇଥିବା ଭିଡିଓ କନଫରେନ୍ସିଂ ହଲକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ । ରାଜ୍ୟର ସମସ୍ତ ୩୧୪ ବ୍ଲକରେ ରାଜ୍ୟସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମ ଅବସରରେ ଠାକୁରମୁଣ୍ଡା ବ୍ଲକ ମଧ ସାମିଲ ଥିଲା । ଲୋକାର୍ପଣ କାର୍ଯ୍ୟକ୍ରମ ଅବସରରେ ଔପଚାରିକ ଭାବେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ହଲକୁ ଉଦଘାଟନ କରିଥିଲେ । ଏ ଅବସରରେ ବିଡିଓ ବିଜୟ ନାୟକ,ବ୍ଲକ ଉପାଧକ୍ଷା ଜବାମଣୀ ଟୁଡୁ,ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ,ବିଇଓ ଅଭିମନ୍ୟୁ ସେଠୀ ଉପସ୍ଥିତ ଥିଲେ ।

### ସଙ୍ଗୀତଜ୍ଞ ରାଧାକୃଷ୍ଣଙ୍କ ଜୟନ୍ତୀ ପାଳିତ



**ବାରିପଦା ଅଫିସ,୫।୧୧:** ବିଶିଷ୍ଟ ସଙ୍ଗୀତଜ୍ଞ ରାଧାକୃଷ୍ଣ ଭଞ୍ଜଙ୍କ ଜୟନ୍ତୀ ୟୁନିଭର୍ସାଲ ଏଜୁକେସନ ପଏଣ୍ଟ ପରିସରରେ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦ ସମ୍ପାଦକ ତଥା ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ନନ୍ଦକିଶୋର ଗିରି ଓ ଶିକ୍ଷକ ଗଣେଶ୍ୱର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଦେଇ ସ୍ୱର୍ଗତ ରାଧାକୃଷ୍ଣ ଭଞ୍ଜଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମୋନାଲିସା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସକେ ଜାକିରୁଦ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷରେ ଶିବ ପ୍ରସାଦ ମହାନ୍ତ ଧନ୍ୟବାଦ ଦେଇଥିଲେ।

### ଏବିଭିପିର ନଗର ସମ୍ମିଳନୀ

**ବାରିପଦା ଅଫିସ,୫।୧୧:** ବାରିପଦାସ୍ଥିତ ତୁଳସୀଚଉରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ବାରିପଦା ନଗର ଶାଖାର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ବିଭାଗ ପ୍ରମୁଖ ଭାଗିରଥୀ ପୃଷ୍ଟି, ସହ ପ୍ରମୁଖ ସରୋଜ କୁମାର ସାହୁ, ରାଜ୍ୟ ସହ ଛାତ୍ରୀ ପ୍ରମୁଖ ମିତାଲି ମୋନଦୀ ରଥ, ରାଜ୍ୟ ଉପସଭାପତି ଗୀତାଞ୍ଜଳୀ ଜେନା, ଜିଲା ସଙ୍ଗଠନ ସମ୍ପାଦକ ତନ୍ମୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ପ୍ରତିକ ସ୍ଥିତିରେ ବିଦ୍ୟାର୍ଥି ପରିଷଦର ଭୂମିକା,ଏହାର ଲକ୍ଷ୍ୟ, ଆଦର୍ଶ ଏବଂ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଥିଲା। ଏଥିରେ ଅଧାପକ ହରିହର ବିନ୍ଧାଣୀଙ୍କୁ ସଭାପତି କରାଯାଇଥିଲା। ସମ୍ପାଦକ ଭାବେ ପୁରୁଷୋତ୍ତମ ନାୟକ, ଉପସଭାପତି ଭାବେ ସନ୍ଦୀପ କୁମାର ଦଳେଇ, ଯୁଗ୍ମ ସମ୍ପାଦକ ଭାବେ ପବିତ୍ର ପାଣିଗ୍ରାହୀ, ଅନିପା କିସ୍କୁ, ସସ୍ମିତା ବାରିକ, ଆକାଶ ସିଂ, ଛାତ୍ରୀ ପ୍ରମୁଖ ଭାବେ ଶୁଭଶ୍ରୀ ଖାଡେଙ୍ଗା,ରାକ୍ଷୀ ଭଞ୍ଜଦେଓ,ଗଣମାଧମ ସଂଯୋଜକ ଭାବେ ଅଂଶୁମାନ ମହାରଣାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଇରନ ଲେଙ୍କା ମଞ୍ଚ ପରିଚାଳନା କରିଥିବା ବେଳେ ନଗର ସଙ୍ଗଠନ ସମ୍ପାଦକ ଅମରଜ୍ୟୋତି ମିଶ୍ର କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

**ବଡ଼ସାହି,୫।୧୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ସୋରିଷକୋଠା ବୁଢାବଳଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୫ ମସିହା ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଚିନ୍ମୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ପୂର୍ବତନ ସମ୍ପାଦକ କୃପାନିଧି ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ପୃଷ୍ଟି ଓ ସ୍କୁଲର ସମସ୍ତ ଅବସରପ୍ରାପ୍ତ ଶିକ୍ଷକଗଣଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ । ପୁରାତନ ଛାତ୍ର ପ୍ରଶାନ୍ତ ଶତପଥି, ଦିବାକର ପ୍ରଧାନ, ଯଦୁନାଥ ବିଶ୍ୱାଳ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ଛାତ୍ରାବସ୍ଥାର ସ୍ମୃତି ଚାରଣ କରିଥିଲେ ।

# ତୋରଣରେ ଶୋଭା ପାଇବ 'ମାହିଷ୍ମତି ଦରବାର'

**ବାରିପଦା ଅଫିସ,୫।୧୧**



ତୋରଣରେ ମାହିଷ୍ମତି ଦରବାର ନିର୍ମାଣ କରାଯାଉଛି ।

- ୬୬ ବର୍ଷରେ ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜା
- ୧୬ରୁ ପୂଜା ଓ ୨୧ରୁ ମେଳା

ଜଗତର ଶାନ୍ତି ଓ ମଙ୍ଗଳ ଉଦ୍ଦେଶ୍ୟରେ ପ୍ରତିବର୍ଷ ବାରିପଦା ସହରରେ ଭଞ୍ଜପୁର ମା' ଜଗଦ୍ଧାତ୍ରୀଙ୍କ ପୂଜା କରାଯାଏ। ଯାହା ଚଳିତ ବର୍ଷ ୬୬ ବର୍ଷରେ ପଦାର୍ପଣ କରିଛି। ପ୍ରତି ବର୍ଷ ତୋରଣ ପାଇଁ ଚର୍ଚ୍ଚାରେ ଥିବା ଏହି ପୂଜାରେ ଚଳିତ ବର୍ଷ କମିଟି ପକ୍ଷରୁ ବାହୁବଳୀ ଫିଲ୍ମର ସେଟ୍ ତଥା ମାହିଷ୍ମତି ଦରବାର ଆକୃତିର ୯୦ ଫୁଟ ଉଚ୍ଚ ଓ ୧୪୦ ଫୁଟ ଲମ୍ବର ତୋରଣ ନିର୍ମାଣ କରାଯାଉଛି। ପୂଜା ଓ ମେଳା ପାଇଁ କମିଟି ପକ୍ଷରୁ ଚଳିତ ବର୍ଷ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। କେବଳ ତୋରଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପଶ୍ଚିମବଙ୍ଗ ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ କୁଶଳୀ କାରିଗର ଏହାକୁ ନିର୍ମାଣ କରିବାକୁ ଦିନ ରାତି ଏକ କରିଛନ୍ତି। ଆସନ୍ତା ୧୬ ରୁ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ପୂଜା ହେବାକୁ ଥିବା ବେଳେ ଆସନ୍ତା ୨୧ରୁ ୨ ଡିସେମ୍ବର ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ। ପୂଜା କମିଟି ଚେୟାରମ୍ୟାନ ଭାବେ ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ମେଳା କମିଟି ଚେୟାରମ୍ୟାନ ଭାବେ ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଅଛନ୍ତି। ସେହିପରି ମେଳା କମିଟି ଭାଇସ ଚେୟାରମ୍ୟାନ ଭାବେ କୃଷ୍ଣାନନ୍ଦ ମହାନ୍ତି, ପୂଜା କମିଟି ଭାଇସ ଚେୟାରମ୍ୟାନ ଭାବେ ସିଦ୍ଧେଶ୍ୱର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଶାନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ଦର୍ପନାରାୟଣ ପାଳ , କୋଷାଧକ୍ଷ ଭାବେ ପ୍ରମୋଦ ମହାନ୍ତି, ଷ୍ଟଲ ଇନଚାର୍ଜ ଭାବେ ସପନ ପଣ୍ଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ପ୍ରୀତମ ପଣ୍ଡା ଏବଂ ଆଭାସ ଦେ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ ଜଗଦ୍ଧାତ୍ରୀ ପୂଜା ୧୯୫୨ ମସିହାରେ ବାରିପଦା ନିବାସୀ ତଥା ତତ୍କାଳୀନ ଜିଲାପାଳ ଅମିୟ ଶଙ୍କର ରାୟଙ୍କ ପ୍ରଚେଷ୍ଟା ଯୋଗୁ ପୂଜା ଆରମ୍ଭ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗ ପରେ ୧୯୯୩ ମସିହାରୁ ମେଳା ଆରମ୍ଭ ହୋଇଥିଲା। ମେଳାରେ ପ୍ରତିଦିନ ୨୫ରୁ ୩୦ ହଜାର ଲୋକଙ୍କ ସମାଗମ ହୋଇଥାଏ । ପୂଜା ଓ ମେଳାରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ବିଭିନ୍ନ ଦିନରେ ଜିଲା ତଥା ଅନ୍ୟ ଜିଲାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେବେ। ମେଳାରେ ୩୨୫ରୁ ଅଧିକା ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ତାହା ମଧରେ ସରକାରୀ ଷ୍ଟଲ୍ ମଧ ସାମିଲ।

## ପ୍ରଦୂଷଣ ରୋକିବାକୁ ପଦକ୍ଷେପ ଉପରେ ଗୁରୁତ୍ୱ

**ବାରିପଦା ଅଫିସ,୫।୧୧**

ବାରିପଦା ସହରର ରଘୁନାଥପୁରସ୍ଥିତ ସାଇ ଆଦର୍ଶ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ଗୋପାଳ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶରତପାଳ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ବିଜ୍ଞାନମେଳାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସମ୍ପାଦିକା ମୀନାରାଣୀ ସାହୁ ଯୋଗଦେଇ ବିଜ୍ଞାନ ମେଳା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ଶିକ୍ଷକ କମଳ ଲୋଚନ ସାହୁ ଭୂତଳ ଜଳ ଠାରୁ ବାୟୁମଣ୍ଡଳ ସ୍ତର ପର୍ଯ୍ୟନ୍ତ ପ୍ରଦୂଷିତ ହେବା ଓ ତାର ନିରାକରଣ ପାଇଁ ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବିଜ୍ଞାନମେଳାରେ ମୋଟ ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।




ଉଦଳା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଜାହିରା ସ୍ଥାପନ ନେଇ ବିକ୍ଷୋଭ

**ଉଦଳା,୫।୧୧ (ଡି.ଏନ.ଏ.)**

**୮ ବର୍ଷ ହେଲା ପୂରଣ ହେଉନି ପ୍ରତିଶ୍ରୁତି**

କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତ କରୁଁଆ, ଧନଚତୁରୀ ଏବଂ ହୁଡିସାହରେ ଆଦିବାସୀଙ୍କ ଧର୍ମୀୟ ପୀଠ ଜାହିରା ସ୍ଥାପନ କରିବା ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏକ ବିଶାଳ ଶୋଭାଯାତ୍ରାରେ ୩ ଗ୍ରାମବାସୀ ଉଦଳା ବଜାର ପରିକ୍ରମା କରିବା ପରେ ଉଦଳା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉପରୋକ୍ତ ୩ ଗ୍ରାମରେ ତୁରନ୍ତ ଜାହିରା ସ୍ଥାପନ ଦାବିରେ ଗ୍ରାମବାସୀ ଏକ ସ୍ମାରକପତ୍ର ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟଙ୍କୁ ପ୍ରଦାନ କରିଛନ୍ତି। ହୁଡିସାହି ଗ୍ରାମରେ ପୂର୍ବରୁ ଏକ ଜାହିରା ପୀଠ ଥିଲା । ମାତ୍ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଠାରେ ୨୦୧୦ ମସିହାରେ ସେଠାରେ ଥିବା ଜାହିରା ଭଙ୍ଗା ଯାଇ ଏକ କନ୍ୟା ଆଶ୍ରମ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏକ ଜାହିରା ସ୍ଥାପନ କରାଯିବା ନେଇ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ବି ୮ ବର୍ଷ ମଧରେ ଅଦ୍ୟାବଧି ଗ୍ରାମରେ ତାହା ସ୍ଥାପିତ ହୋଇପାରିନାହିଁ। ଶେଷରେ ସୋମବାର ଶତାଧିକ ସଂଖ୍ୟାରେ ୩ ଗ୍ରାମବାସୀ ବିକ୍ଷୋଭ କରିବା ସହିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗକୁ ଆଦିବାସୀ ସାନ୍ତାଳ ସମାଜର ସହରାଏ ପରବ, କାଳୀପୂଜା, ବଡପର୍ବ ଥିବାରୁ ତୁରନ୍ତ ଗ୍ରାମରେ ଜାହିରା ସ୍ଥାପନ କରାଯିବାକୁ ଦାବି ରଖାଯାଇଛି । ଗ୍ରାମର ମୁଖିଆ ଜୟ ମୁର୍ମୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିବା ବେଳେ ଏଥିରେ କାରାନ ମୁର୍ମୁ, ମଙ୍ଗଲା ସୋରେନ୍, ରୁପାଇ ହାଁସଦାଙ୍କ ସମେତ ବହୁ ଆଦିବାସୀ ସାମିଲ ହୋଇଥିଲେ । ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ ଏବଂ ଉପଜିଲାପାଳ ଭଗବାନ ବେହେରା ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହିତ ଆଲୋଚନା କରିବା ସହ ଖୁବ୍ ଶୀଘ୍ର ଜାହିରା ସ୍ଥାପନ ହେବା ନେଇ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା ।

# ରାଜନୀତି ବିଭାଗ ଆଲୋଚନାଚକ୍ର

**ବଡ଼ସାହି,୫।୧୧(ସ୍ୱ.ପ୍ର)**

ବଡ଼ସାହି କଲେଜ ଅଧକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ରାଜନୀତି ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସାତ ଦଶକର ଭାରତୀୟ ସମ୍ବିଧାନ ଶୀର୍ଷକ ଉପରେ ଆଲୋଚନା କରାଯାଇଛି । ମୁଖ୍ୟ ଅତିଥି ଭାବେ ରିସୋର୍ସ ପର୍ସନ ତଥା ପ୍ରାକ୍ତନ ଅଧକ୍ଷ ଡକ୍ଟର ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଭାରତୀୟ ସମ୍ବିଧାନ ସଫଳତାର ସହିତ କାର୍ଯ୍ୟ କରୁଥିବା ବେଳେ କେତେକ ସରକାରୀ ଅଙ୍ଗ ସେମାନଙ୍କ ନିର୍ଦ୍ଧାରିତ କାର୍ଯ୍ୟ ତୁଲାଇ ପାରୁ ନ ଥିବାରୁ ସମ୍ବିଧାନ ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ଏଥିପାଇଁ ସଚେତନତା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପକ ହରିହର ଜେନା, ସୁଧିର କୁମାର ସାହୁ, କୁମୁଦ ଚନ୍ଦ୍ର ସାହୁ ଆଲୋଚନାରେ ଅଂଶଗ୍ରହଣ କରି ନିଜର ମତାମତ ରଖିଥିଲେ ।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ -୨୦୧୮'**

# 'ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆଣ'

**ବାରିପଦା ଅଫିସ,୫।୧୧**

ବାରିପଦା ଛଉ ପଡିଆ ନିକଟସ୍ଥ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ସଭାଗୃହରେ ସୋମବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସ୍ମୃତି ରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଏବଂ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା କୃଷ୍ଣକଳ୍ପନା ମହାନ୍ତି, ଗୋରୁମହିଶାଣି ବାଇଟ୍ର ଅଧକ୍ଷ ଡ.ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ମଧରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ ମାଳା ମିଶ୍ର ଯୋଗ ଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରୁ କୃତକାର୍ଯ୍ୟ ପ୍ରତିଯୋଗୀ ଆରଡିସି ସ୍ତରରେ ଭାଗ ନେବେ। ସେଠାରୁ ଉତ୍ତିର୍ଣ୍ଣ ହେଲେ ରାଜ୍ୟସ୍ତରରେ ଭାଗ ନେଇ ପାରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସୂଚନା ଦେଇଛନ୍ତି।



କୃତୀ ପ୍ରତିଯୋଗୀଙ୍କ ସହିତ ଅତିଥି ଓ ଅନ୍ୟମାନେ।

# ଭିଡିଓ କନଫରେନ୍ସିଂ ମାଧମରେ ମିଳିଲା ମେଧାବୃତ୍ତି

**ବଡ଼ସାହି,୫।୧୧(ସ୍ୱ.ପ୍ର)**

ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ଲକରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ଲୋକାର୍ପଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବଡ଼ସାହି ବ୍ଲକରେ ଏହା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ପୌରାହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ଉପାଧକ୍ଷ ଅନ୍ତର୍ଯାମୀ ବେହେରା, ବିଇଓ ଦେବବ୍ରତ ବାରିକ, ବିଧାୟକ ପ୍ରତିନିଧି କେଶବ ଚନ୍ଦ୍ର ସାହୁ, ବିଆରସିସ ବାବାଜୀ ବେହେରା, ସମସ୍ତ ସିଆର୍‌ସିସି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେସିଂ ଜରିଆରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଓ ଭାଷାବୃତ୍ତି ପ୍ରଦାନ କରିବା ସହିତ ମେଧାବୀ କଲେଜ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରିଛନ୍ତି । ଏଥି ସହିତ ବ୍ଲକର ୩ଟି ଶ୍ରେଷ୍ଠ ହାଇସ୍କୁଲକୁ ପୁରସ୍କୃତ କରାଯାଇଛି। ବିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ଯେ, ବଡ଼ସାହି ବ୍ଲକର ଶହେ ଜଣ ଶ୍ରେଷ୍ଠ ମାଟ୍ରିକ ପରୀକ୍ଷାର୍ଥୀ ଓ ଶ୍ରେଷ୍ଠ ୧୦ଜଣ ଓଡିଆ ଭାଷା ବୃତ୍ତି ପରୀକ୍ଷାର୍ଥୀ ୫ହଜାର ଟଙ୍କା ଲେଖାଏଁ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବୃତ୍ତି ରାଶି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଥିବା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଜମା ହେବ ବୋଲି ବିଆରସିସି କହିଛନ୍ତି । ସେହିପରି ବ୍ଲକର ତିନୋଟି ଶ୍ରେଷ୍ଠ ହାଇସ୍କୁଲ ଯଥାକ୍ରମେ ବାଘମରା, ତେନ୍ତୁଳିଗାଁ ଓ ଶାଳଗାଁକୁ ଲକ୍ଷେ ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ସେ କହିଛନ୍ତି ।



ଭିଡିଓ କନଫରେସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ।

## ୬୧ଜଣଙ୍କୁ ଭତ୍ତା ବଣ୍ଟନ

**ବଡ଼ସାହି,୫।୧୧(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ଖାନୁଆ ପଞ୍ଚାୟତରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତି ସଭ୍ୟା ପଦ୍ମିନୀ ଗିରି, ଭାରପ୍ରାପ୍ତ ସରପଞ୍ଚ ବାଢା ହାଁସଦାଃ, କାର୍ଯ୍ୟନିର୍ବାହୀ ଅଧିକାରୀ କେଦାରନାଥ ରାମ, ଜିଆରଏସ୍ ସୁକାନ୍ତି ସିଂ ଓ ୱାର୍ଡ ସଭ୍ୟାସଭ୍ୟ ଭତ୍ତା ବଣ୍ଟନ କରିଛନ୍ତି ।

# ମାଟିଦୀପ ଲାଗି ଜମୁଛି ଭିଡ଼

**କପ୍ତିପଦା,୫।୧୧(ଡି.ଏନ୍.ଏ)**



ଉଦଳା ବଜାରରେ ଜଣେ କୁମ୍ଭକାର ମାଟି ଦୀପ ବିକ୍ରି କରିବା ପାଇଁ ବସିଛନ୍ତି ।

- ଭାରତ-ଚୀନ ବିବାଦର ପରିଣାମ
- କମୁଛି ଫ୍ୟାନ୍ସି ଦୀପର ଚାହିଦା
- ସୁଧୁରୁନି କୁମ୍ଭକାରଙ୍କ ଭାଗ୍ୟ

ଦୀପାବଳୀରେ ମହାଲକ୍ଷ୍ମୀଙ୍କୁ ଆବାହନ ସହ ମାଟି ଦୀପ ଜାଳିବାର ନିଆରା ପରମ୍ପରା ରହିଛି ଆମ ସଂସ୍କୃତିରେ । କିନ୍ତୁ କିଛି ବର୍ଷ ହେବ ଟେରାକୋଟ ଓ ଫ୍ୟାନ୍ସି ଦୀପ ଗାଁ ଗଣ୍ଡା ମାଟି ଦୀପର ସ୍ଥାନ ମାଡି ବସିବାକୁ ବସିଲାଣି । ଏହାକୁ ଥରେ କିଣିଲେ ବହୁ ଦିନ ପର୍ଯ୍ୟନ୍ତ ବ୍ୟବହାର କରି ହେଉଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରୁଛନ୍ତି। ହେଲେ ଡୋକଲାମରେ ସୀମା ବିବାଦକୁ ନେଇ ଗତ ବର୍ଷରୁ ଭାରତ ଓ ଚୀନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ଏହାର ପ୍ରଭାବରେ କପ୍ତିପଦା ଅଞ୍ଚଳବାସୀ ଏବେ ଚୀନ ସାମଗ୍ରୀ ଅପେକ୍ଷା ଭାରତ ତିଆରି ଲାଇଟ ଓ ମାଟି ଦୀପ କିଣିବାକୁ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି ।

ଚାଇନା ସାମଗ୍ରୀର ଚାହିଦା ହ୍ରାସକୁ ଆଖି ଆଗରେ ରଖି କପ୍ତିପଦା ଅଞ୍ଚଳର କୁମ୍ଭାକାରମାନେ ଅଧିକ ମାଟି ଦୀପ ପ୍ରସ୍ତୁତ କରୁଥିବା ସୁଡୁସୁଡିଆ ଗ୍ରାମର କୁମ୍ଭାକାର ରତିକାନ୍ତ ବେହେରା, ରାମଚନ୍ଦ୍ର ବେହେରା ଓ ରଣା ବେହେରା ପ୍ରକାଶ କରିଛନ୍ତି । ଏହି ସମୟରେ ପର୍ଯ୍ୟାପ୍ତ ପରିମାଣର ଦୀପ ତିଆରି କରି ବଜାରର ଚାହିଦା ପୂରଣ କରିବାକୁ କୁମ୍ଭାକାର ପରିବାରର ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ କାମରେ ଲାଗି ପଡିଛନ୍ତି । ପୁରୁଷମାନେ ମାଟି ସଂଗ୍ରହ କରି ପାଣିରେ ଚକୁଟି ନିର୍ମାଣ ଉପଯୋଗୀ ପ୍ରସ୍ତୁତ କରିଥାନ୍ତି । ଏହାପରେ ମହିଳାମାନେ ଛାଞ୍ଚ ଓ ଚକି ଦ୍ୱାରା ଛୋଟ ବଡ ଦୀପାଳୀ ତିଆରି କରିଥାନ୍ତି । ଦିନ ତମାମ କାମ କଲେ ୫୦୦ ରୁ ୭୦୦ ଦୀପାଳୀ ପ୍ରସ୍ତୁତ ହେଉଥିବା କୁହନ୍ତି କୁମ୍ଭାକାର ଶୁକ୍ରା ବେହେରା ଓ ଶିରିଆ ବେହେରା । ଦୈନିକ ମଜୁରୀ ଯାହା ମିଳେ ସେଥିରେ ତେଲ ଲୁଣ ସଂସାର ଚଳେ । ଯଦିଓ ଏହା ସବୁଦିନିଆ ବେପାର ନୁହେଁ, ତଥାପି ଜାତି ଅନୁସାରେ ଏହି ବେଉସାକୁ ସମ୍ପୂର୍ଣ୍ଣ ଛାଡି ହେଉ ନାହିଁ।

ଦୀପାବଳୀ ୨ ମାସ ପୂର୍ବରୁ ଦୀପ କାମ ଆରମ୍ଭ କରାଯାଉଥିବା ବେଳେ ଏହି ସମୟରେ ବଜାରରୁ କିଛି ବ୍ୟବସାୟୀ ଆସି ଦୀପ ସଂଗ୍ରହ କରି ନେଇ ନିଜର ବ୍ୟବସାୟ କରିଥାନ୍ତି । ସରକାରଙ୍କ ପ୍ରୋତ୍ସାହନ ନ ମିଳିଲେ ଭବିଷ୍ୟତ ପିଢିଙ୍କ ପାଇଁ ଏହି ବେଉସା ବଞ୍ଚି ରହିବା ଅସମ୍ଭବ। ଆଧୁନିକ ଜ୍ଞାନ କୌଶଳରେ ତାଲିମ ଓ ସବସିଡିଯୁକ୍ତ ଋଣ ପ୍ରଦାନ ନ କଲେ କୁମ୍ଭକାରଙ୍କ ଭବିଷ୍ୟତ ଅନ୍ଧାରମୟ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ମାଟି ଦୀପ ବଦଳରେ ଟେରାକୋଟା ଓ ଫେନସି ଦୀପ ଥରେ କିଣିଲେ ବହୁ ଦିନ ଧରି ବ୍ୟବହାର କରି ହେଉଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରୁଥିବା କଲେଜ ଛାତ୍ରୀ ମନୀଷା ମହାପାତ୍ର ଓ ସସ୍ମିତା ବିଶ୍ୱାଳ କହିଛନ୍ତି। ମାତ୍ର ଚଳିତ ବର୍ଷ ଚୀନର ଦାଦାଗିରି ପାଇଁ ଆମେ ଏହା ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଦୀପାବଳୀରେ ମହାଲକ୍ଷ୍ମୀଙ୍କୁ ଆବାହନ କରାଯାଉଥିବାବେଳେ ଚଳିତ ବର୍ଷ ଚୀନର ଫ୍ୟାନସୀ ସମଗ୍ରୀରେ ନୁହେଁ ଘରେ ବାହାରେ ସବୁ ସ୍ଥାନକୁ ମାଟି ଦୀପରେ ଆଲୋକିତ କରିବା ସହିତ ପରିବେଶକୁ ସୁନ୍ଦର ଭାବରେ ସଜେଇବା ଉଚିତ ବୋଲି ସେମାନେ ମତ ପୋଷଣ କରିଛନ୍ତି ।

## ସଂକ୍ଷେପରେ

### ୫୧ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବାଲିଆପାଳ,୫।୧୧(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଅନ୍ତର୍ଗତ ନଗେନ୍ଦ୍ର ନାଥ ସଂସ୍କୃତ ମହାବିଦ୍ୟାଳୟ କୁମ୍ଭାରୀ ଠାରେ ଅଧ୍ୟୟନରତ ଛାତ୍ରୀମାନଙ୍କର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ଦୀର୍ଘ ୧୨ଦିନ ଧରି ଚାଲି ଥିବା ଏହି ପ୍ରଶିକ୍ଷଣ ଶିବିରରେ ୫୧ଜଣ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ନେଇଥିଲେ। ଏହି ଅବସରରେ ସୋମବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ପ୍ରୋଗ୍ରାମ କୋର୍ଡିନେଟର ଅଧାପକ ଶ୍ରୀଧର ମହାଳିକ, ଅଧାପକ ରମେଶ ଚନ୍ଦ୍ର ସେଠୀ, ଅଧାପକ ଦିଲୀପ କୁମାର ଭଦ୍ର, ଅଧାପିକା ଅନୁପମା ମହାପାତ୍ର ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ସମୟରେ ଏହି ତାଲିମ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କର ଆତ୍ମରକ୍ଷା ଦିଗରେ ଅନେକ ସହାୟକ ହୋଇପାରିବ ବୋଲି କହିଥିଲେ। ଶେଷରେ କାଶିନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ କଲେଜର ବରିଷ୍ଠ ସହାୟକ ବିକାଶ କୁମାର ମହାପାତ୍ର, ଅଧାପିକା ସବିତା ମହାପାତ୍ର, ଶକ୍ତିପଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

### ୩ ବଖରା ଜଳିଗଲା

**ବସ୍ତା,୫।୧୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗାଁରେ ଅଗ୍ନିକାଣ୍ଡ ଘଟି ୨୩ନଂ ୱାର୍ଡ ନିବାସୀ ସୁଦର୍ଶନ ବେହେରାଙ୍କ ଦୁଇବଖରା ଓ ସୁଶାନ୍ତ ବେହେରାଙ୍କ ଏକ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଏହା ଫଳରେ ନିଜେ ପିନ୍ଧିଥିବା ଲୁଗା ବ୍ୟତୀତ ସେମାନେ ଧାନ ଚାଉଳ, ସମସ୍ତ ଆସବାବ ପତ୍ର ହରାଇ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।ମନୋରଞ୍ଜନ ବେହେରା, ପ୍ରଦୀପ କୁମାର ଜାଲି, ଅଧାପିକା ସାଧନା ଦାସ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଘରପୋଡ଼ି ଅଭିଯୋଗରେ ୨ ଗିରଫ

**ସୋର, ୫।୧୧(ଡି.ଏନ.ଏ.):** ସୋର ଥାନା ଅଧୀନ ମହୁମୁହାଣ ପଞ୍ଚାୟତ କାନନ୍ଦିପାଟଣା ଗ୍ରାମରେ ଗତ ୧ ତାରିଖରେ ଜଣେ ଯୁବତୀଙ୍କୁ କମେଣ୍ଟ ମାରିବାକୁ କେନ୍ଦ୍ର କରି ସେହି ଗ୍ରାମର ବୁଲୁ ସେଠୀ ଖଣ୍ଡାରେ ହାଣି ୬ ଜଣଙ୍କୁ ଗୁରୁତର କରିଥିଲେ। ଏନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ଫେରାର ଥିବା ବୁଲୁଙ୍କ ପରିବାର ଲୋକେ ତାଙ୍କ ଘର ପୋଡି ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ବୁଲୁଙ୍କ ଘର ପୋଡ଼ି ଦେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

### ୨୯ରେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ

**ବାଲେଶ୍ୱର ଅଫିସ, ୫।୧୧:** ବାଲେଶ୍ୱର ଫକୀରମୋହନ(ଏଫଏମ୍) ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୯ ତାରିଖରେ ପାଳିତ ହେବ। ଗତ ୨୦୧୭ ଜାନୁୟାରୀରୁ ଅକ୍ଟୋବର ୨୦୧୮ ମଧରେ ଯେଉଁ ବିଦ୍ୟାର୍ଥୀମାନେ ଏହି ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡ଼ି/ଡିଲିଟ୍/ଡି.ଏସ୍.ସି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନେ ଆସନ୍ତା ୧୫ତାରିଖ ସୁଦ୍ଧା ପଞ୍ଜିକରଣ କରିବାକୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ସଙ୍ଗେ ଯୋଗାଯୋଗ କରିବାକୁ କୁଳସଚିବ ବିଷ୍ଣୁ ପ୍ରସାଦ ଦାସ ଅନୁରୋଧ କରିଛନ୍ତି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବାର ବିଭାଗୀୟ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ବାଲେଶ୍ୱର ଅଫିସ, ୫।୧୧**

ବାଲେଶ୍ୱର ସହର ମଧ୍ୟସ୍ଥଳୀରେ ଥିବା ଫାଣ୍ଡିଛକ ନିକଟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖ ସ୍ଥାନକୁ ଜବରଦଖଲ ଉଦ୍ୟମ କରାଯାଉଥିବା ବେଳେ ସହରର ବୁଦ୍ଧିଜୀବୀ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ତରଫରୁ ବରିଷ୍ଠ ସାମାଜିକ କର୍ମୀ ମହେନ୍ଦ୍ର ପ୍ରସାଦ ଧଳ, ଗିରିଜା ଶଙ୍କର ଦାସ, ନିଶିତ ବାରିକ, ଯୁବନେତା ପ୍ରଦୀପ କୁମାର ପତି ପ୍ରମୁଖ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସୋମବାର ମଧ୍ୟାହ୍ନରେ ମ୍ୟୁନିସିପାଲିଟି ଅଧିକାରୀ କାହ୍ନୁଚରଣ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସହାୟତାରେ ଏକ ଟିମ୍ ଏହାକୁ ଉଚ୍ଛେଦ କରିଛନ୍ତି।


ଜବରଦଖଲ ଉଚ୍ଛେଦ କରାଯାଉଛି।

ପ୍ରକାଶଥାଉ କି, ଉକ୍ତ ସ୍ଥାନ ସହରର ମଧ୍ୟସ୍ଥଳ ହୋଇଥିବା ବେଳେ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ସଭାସମିତି କରାଯାଇଥାଏ। ଆଇନଶୃଙ୍ଖଳା ପରିସ୍ଥିତି ସମୟରେ ଥାନାର ଯାନବାହାନ ରଖାଯିବା ସହ ପର୍ବପର୍ବାଣିରେ ବହୁ ଉଠାଦୋକାନୀ ଉକ୍ତ ସ୍ଥାନରେ ନିଜର ବ୍ୟବସାୟ କରିଥାନ୍ତି। ମଣ୍ଡପର ମୁଖ୍ୟ ଉକ୍ତ ସ୍ଥାନରେ ଉଠାଦୋକାନୀଙ୍କଠାରୁ ବେଆଇନ ଭାବରେ ପ୍ରତିଦିନ ଚାନ୍ଦା ଆଦାୟ କରିବା ମଧ୍ୟ ଅଭିଯୋଗ ହୋଇଛି। ଦୁର୍ଗା ପୂଜା ସମୟରେ ଅସ୍ଥାୟୀ ତୋରଣ ତିଆରି ହୋଇଥିବା ବେଳେ ସେଠାରେ ମଣ୍ଡପର ଜାଗା ବୋଲି ଦାବି କରି ଚଞ୍ଚକତା ପୂର୍ବକ ୨/୩ଟି ସଟର ଲଗାଇ ସ୍ଥାୟୀ ଦୋକାନ ନିର୍ମାଣ କରାଯାଇଥିଲା। ଏହାପରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀଙ୍କ ତରଫରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ନେତାଜୀ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ

# ବାରିପଦା ଚାମ୍ପିୟନ


ଅତିଥିଙ୍କ ଗହଣରେ ବିଜୟୀ ବାରିପଦା ଟିମ୍‌ର ଖେଳାଳି।

**ଖଇରା,୫।୧୧(ଡି.ଏନ.ଏ.)**

ନେତାଜୀ କ୍ଲବ ଆନୁକୂଲ୍ୟରେ ଖଇରା ବ୍ଲକ ଅଧୀନ ଚାନ୍ଦଗୋଛି ମିନିଷ୍ଟାଡିୟମରେ ଚାଲିଥିବା ନେତାଜୀ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ପେନାଲ୍ଟି ସୁଟରେ ବାରିପଦା ସ୍ପୋର୍ଟ୍ସ ହଷ୍ଟେଲ ବାଲେଶ୍ୱର ମିଶନ କ୍ଲବକୁ ୬-୫ରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ଅତିରିକ୍ତ ୫ମିନିଟ ସମୟରେ ମଧ୍ୟ କେହି ଗୋଲ ଦେଇପାରି ନ ଥିଲେ । ଜିତେନ୍ଦ୍ର ବାରିକ ମୁଖ୍ୟ ରେଫ୍‌ରୀ, ମାନସ ବିଶ୍ୱାଳ ଓ ଉତ୍ତମ ବାରିକ ସହଯୋଗୀ ରେଫ୍‌ରି ଦାୟୀତ୍ୱ ତୁଲାଇଥିଲେ। ନେତାଜୀ କ୍ଲବର ସଭାପତି ଅରୁଣ କୁମାର ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟବକ୍ତା, ଚାନ୍ଦଗୋଛି ମଠର ମହନ୍ତ ଇଷ୍ଟବନ୍ଧୁ ପରମହଂସ ଦେବ ମୁଖ୍ୟବକ୍ତା, ଇମାମିର ବରିଷ୍ଠ ପରିଚାଳକ ମନୋଜ କୁମାର ପାଢୀ, ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ସୁଶାନ୍ତ ମହାକୁଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦାମୋଦର ବେହେରା ବିବରଣୀ ପାଠ କରିଥିଲେ। ପରେ ବିଜୟୀ ବାରିପଦା ଟିମକୁ ଟ୍ରଫି ସହ ୫ହଜାର ଓ ରନର୍ସ ଅପ ବାଲେଶ୍ୱର ଟିମକୁ ଟ୍ରଫିସହ ୩ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅଭିମନ୍ୟୁ ରାଉଳ, ବିଭୂତି ଭୁଷଣ ପତି, ରମେଶ ମହାକୁଡ, ବଂଶୀଧର ମାଝୀ, ଭୋଳାନାଥ ପତି, ସୁଧାଂଶୁ ଶେଖର ଦାସଙ୍କ ସମେତ ନେତାଜୀ କ୍ଲବର ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଆଇଓସିଏଲ୍ ପକ୍ଷରୁ ମକ୍‌ଡ୍ରିଲ୍

**ରସାଳପୁର, ୫।୧୧(ଡି.ଏନ.ଏ.)**

ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଚାନ୍ଦିପୁର ନିକଟବର୍ତ୍ତୀ ହିଡ଼ିଗାଁସ୍ଥିତ ଆଇଓସିଏଲ୍‌ର ଅଶୋଧିତ ତୈଳ ପମ୍ପ ଷ୍ଟେଶନ ପରିସରରେ ସୋମବାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଡ଼ିଆର୍‌ଏଫ୍, ଜିଲା ଅଗ୍ନିଶମ ବିଭାଗର କର୍ମଚାରୀ, ଚାନ୍ଦିପୁର ଥାନା ଅଧିକାରୀ, ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍, ଆଇଓସିର ଅକଜୁଲାରି ଏବଂ ରେସ୍କ୍ୟୁ ସାମିଲ ଥିଲେ। ଅଶୋଧିତ ତୈଳ ଲିକ୍ ହେବା ମାତ୍ରେ କିଭଳି ନିଆଁ ଲାଗିଲେ ଏହାକୁ ଆୟତ୍ତ କରାଯିବ ସେ ସମ୍ପର୍କରେ ଟିମ୍‌ର ୮୦ଜଣ ସଦସ୍ୟ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଆଇଓସି କ୍ରୁଡ୍ ଅଏଲ ପମ୍ପ ଷ୍ଟେଶନର ଇନଚାର୍ଜ ରତନ କୁମାୱତ୍, ଏନଡ଼ିଆରଏଫ୍ ଟିମ୍‌ର ଇନଚାର୍ଜ ସର୍ଜେଣ୍ଟ ଅମର ନାଥ ସିଂହ, ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ, ଚାନ୍ଦିପୁର ଥାନା ଅଧିକାରୀ ଲକ୍ଷ୍ମଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।


ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

## ଯୁବ ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ


ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାହାନଗା, ୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ଉଦଘାଟନୀ ଦିବସରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସଚ୍ଚିଦାନନ୍ଦ ଦେଉରା ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ରେଡକ୍ରସ ମାଧ୍ୟମରେ ବିପଦ ସମୟରେ ଲୋକମାନଙ୍କୁ ସାହାଯ୍ୟ କରିବେ ସେ ବିଷୟରେ ବୁଝାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୋପାଳପୁର ମହାବିଦ୍ୟାଳୟ ଅଧକ୍ଷ ନରେଶ କୁମାର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ସୁଧୀର କୁମାର ଘୋଷ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ଦେଉରା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ଯୁବ ରେଡକ୍ରସର ସଂଯୋଜକ ଦିଲୀପ କୁମାର ଭୋଇ, ସମ୍ମାନିତ ବକ୍ତା ଭାବେ ରାଜ୍ୟ ଯୁବ ରେଡକ୍ରସ ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ବେହେରା ଯୋଗଦେଇଥିଲେ। ପରେ ଶିକ୍ଷା ଓ ତାଲିମ ଶିବିରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ଶିବିରାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଏକ ବିଶାଳ ଶୋଭାଯାତ୍ରାରେ କଲେଜରୁ ବାହାରି ଗୋପାଳପୁର ବଜାର ପରିକ୍ରମା କରିଥିଲେ।

# ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କ ବ୍ଲକ ସମ୍ମୁଖରେ ଧାରଣା

**ଔପଦା,୫।୧୧(ଡି.ଏନ.ଏ.)**

ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ମହିଳା ଭତ୍ତା ପାଇଥିବାରୁ ବଞ୍ଚିତ ହୋଇ ଶନିବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମର ଭତ୍ତା ପାଇବା ପାଇଁ ଯୋଗ୍ୟ ବିଧବା ମହିଳା, ଭିନ୍ନକ୍ଷମ ଓ ବୃଦ୍ଧ ବାରମ୍ବାର ଆବେଦନ କରି ନିରାଶ ହେବାରୁ ଏହି ଆବେଦନକାରୀ ଓ ଜନପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ପ୍ରାକ୍ତନ ଜିଲାପରିଷଦ ସଦସ୍ୟ ଯୋଗେନ୍ଦ୍ର ଦାଶଙ୍କ ନେତୃତ୍ୱରେ ସରପଞ୍ଚ ଶସ୍ମିତା ସେଠୀ, ନାଏବସରପଞ୍ଚ ସିଦ୍ଧେଶ୍ୱର ମହାନ୍ତି ଓ ୱାର୍ଡମେମ୍ବର ଯମୁନା ମହାନ୍ତି, ମାଳତୀ ବେହେରା, ଲକ୍ଷ୍ମଣ ହେମ୍ବ୍ରମ, ସୁରେନ୍ଦ୍ର ନାଏକ, ପୂର୍ଣ୍ଣଚନ୍ଦ୍ର ମଳିକ, ଜଗବନ୍ଧୁ ମହନ୍ତି, ସୋମବାରୀ ସିଂ, ମଙ୍ଗୁଳି ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ବିଡିଓ ପିତାମ୍ବର ଭୋଇ ଜିପିଓ ଦାମୋଦର ମାଝୀ ଧାରଣାକାରୀ ମାନଙ୍କୁ ବୁଝାଶୁଝା କରି ସମସ୍ତ ଆବେଦନପତ୍ର ଯାଞ୍ଚ କରିବା ସହିତ ଆଗାମୀ ଏକ ସପ୍ତାହ ଭିତରେ ଏ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ଭତ୍ତା ମଞ୍ଜୁର କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଔପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ପୂଜା


@ ସଞ୍ଜୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

DSPL-238

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Chilika Development Authority
Govt. of Odisha

ଚିଲିକାରେ ଭସାପୋଲ ର
ଶୁଭ ଉଦ୍‌ଘାଟନ

ସାତପଡା, ପୁରୀ
୦୬ ନଭେମ୍ବର୨୦୧୮, ପୂର୍ବାହ୍ନ ୧୦ଘଟିକା

ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା
ମାନ୍ୟବର ଅଧ୍ୟକ୍ଷ, ପ୍ରାକ୍‌କଳନ କମିଟି, ଓଡିଶା ବିଧାନସଭାଙ୍କ
କରକମଳରେ ଶୁଭ ଉଦ୍‌ଘାଟିତ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ଦାସ, ଓ.ପ୍ର.ସେ.
ଜିଲ୍ଲାପାଳ, ପୁରୀ
ଡକ୍ଟର ସାର୍ଥକ ଷଡଙ୍ଗୀ, ଭା.ପୋ.ସେ.
ଆରକ୍ଷୀ ଅଧିକ୍ଷକ, ପୁରୀ

ସମ୍ମାନିତ ଅତିଥି
ଶ୍ରୀମତୀ ସୌଦାମିନୀ ମାନସିଂହ, ଅଧ୍ୟକ୍ଷା, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀଯୁକ୍ତ ପ୍ରଫୁଲ କୁମାର ଜେନା, ଉପାଧ୍ୟକ୍ଷ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀମତୀ ବନ୍ଦନା ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀମତୀ ପ୍ରଭାତୀ ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀଯୁକ୍ତ ତ୍ରିନାଥ ସାମନ୍ତରାୟ, ସରପଞ୍ଚ, ସାତପଡା ଗ୍ରାମପଞ୍ଚାୟତ
ଶ୍ରୀଯୁକ୍ତ ଚିତ୍ରସେନ ସାହୁ, ସମିତିସଭ୍ୟ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି

ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ





08013/13/0001/1819

ଶ୍ରୀଯୁକ୍ତ ସୁଶାନ୍ତ ନନ୍ଦ, ଭା.ବ.ସେ.
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

## ସଂକ୍ଷେପରେ

### ହାତୀ ସୁରକ୍ଷା ନେଇ ଚିନ୍ତା

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.):** ବିଦ୍ୟୁତ୍ ଆଘାତରେ ଢେଙ୍କାନାଳ ଜିଲାରେ ୭ ହାତୀ ମୃତ୍ୟୁକୁ ନେଇ ବନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଏ ନେଇ ବନ ବିଭାଗ ଦୁର୍ଘଟଣା ରୋକିବା ପାଇଁ ଉଦ୍ୟମ ଚଳାଇଛି। କେନ୍ଦୁଝରଠାରେ ବନ ଓ ବିଦ୍ୟୁତ୍ ବିଭାଗ ମିଳିତ ବୈଠକ ବସି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଆଲୋଚନା ବେଳେ କେନ୍ଦୁଝର ବନ ଖଣ୍ଡର ବିଭିନ୍ନ ସ୍ଥାନରେ ଓହଳି ରହିଥିବା ବିଦ୍ୟୁତ୍ ତାର, ଟ୍ରାନ୍ସଫର୍ମର ଗୁଡିକ କିପରି ସଜଡାଯିବ ସେ ନେଇ ଆଲୋଚନା ହୋଇଥିଲା। ଡିଭିଜନରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିବା ଜଣାପଡିଛି। ବିଦ୍ୟୁତ୍ ଖୁଣ୍ଟ ଓ ତାର ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ୩୮୪ ସ୍ଥାନକୁ ଚିହ୍ନଟ କରାଯାଇଛି। ୫୦୨ଟି ଉନ୍ମୁକ୍ତ ଅବସ୍ଥାରେ ଟ୍ରାନ୍ସଫର୍ମର ଥିବା ବନ ବିଭାଗ ଚିହ୍ନ କରି ସୂଚନା ଦେଇଛି। ନିୟମିତ ହାତୀମାନଙ୍କ ଚଳପ୍ରଚଳ ଉପରେ ନିରୀକ୍ଷଣ କରାଯିବ। ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କୁ ସୂଚନା ପ୍ରଦାନ ପାଇଁ ଏକ ହ୍ୱାଟସଅପ ଗ୍ରୁପ ପ୍ରସ୍ତୁତ କରାଯିବ ବୋଲି ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି। ଉଭୟ ବିଭାଗର ସମନ୍ୱୟରେ କିପରି ଦୁର୍ଘଟଣା ରୋକାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଉଭୟ ବିଭାଗ ମିଶି ପାଟ୍ରୋଲିଂ କରିବେ ବୋଲି ସହମତି ହୋଇଛି। ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, କେନ୍ଦୁଝର ଓ ଯୋଡା ନିର୍ବାହୀ ଯନ୍ତ୍ରୀ, ଏସଡିଓ, କନିଷ୍ଠ ଯନ୍ତ୍ରୀ, ବିଭିନ୍ନ ରେଞ୍ଜର ରେଞ୍ଜ ଅଧିକାରୀ ଉପସ୍ଥିତ ଥିଲେ।

### ଦୁଇ ଫେରାର ଅଭିଯୁକ୍ତ ଗିରଫ

**ପାଟଣା,୫।୧୧(ସ୍ୱ.ପ୍ର.):** ପାଟଣା ଥାନା ସରାସକୋଲା ଗ୍ରାମର ୨ ଫେରାର ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଉଛନ୍ତି ନବକିଶୋର ପାତ୍ର ଏବଂ ବୁଦ୍ଧୁ ପାତ୍ର। ଉଭୟ ୨୦୦୭ର ଏକ ଗଣ୍ଡଗୋଳ ମାମଲାରେ ଜଡ଼ିତ ଥିଲେ। ବିଚାରାଧୀନ ମାମଲାରେ ଉଭୟ କୋର୍ଟରେ ହାଜର ନ ହେବାରୁ ୱାରେଣ୍ଟ ଜାରି ହୋଇଥିଲା।

### ଡ. ବିଦ୍ୟାଧରଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.):** ରାଉରକେଲାସ୍ଥିତ ଭଞ୍ଜ କଳାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏକବିଂଶ ବେଦବ୍ୟାସ ସଂଗୀତ ନୃତ୍ୟୋତ୍ସବର ଚତୁର୍ଥ ସନ୍ଧ୍ୟାରେ କେନ୍ଦୁଝରର ବିଶିଷ୍ଟ ଆଦିବାସୀ ଗବେଷକ ଡକ୍ଟର ବିଦ୍ୟାଧର ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସ୍‌ପିସିଏଲ୍ ରାଉରକେଲାର ବିଜିନେସ ୟୁନିଟ୍ ମୁଖ୍ୟ ବାଣୀବ୍ରତ ବାସୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡକ୍ଟର ବେହେରା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀ ସଙ୍ଗୀତ ଓ ନୃତ୍ୟର ବୈଚିତ୍ର୍ୟତା ଉପରେ ସଂକ୍ଷିପ୍ତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଭକଳା କେନ୍ଦ୍ରର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ।।

### ସମ୍ବର୍ଦ୍ଧିତ ହେଲେ ବ୍ୟାଙ୍କ କର୍ମଚାରୀ



**ଆନନ୍ଦପୁର, ୫।୧୧(ସ୍ୱ.ପ୍ର.):** ଘସିପୁରା ବ୍ଲକ ଅଳତୀ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ବରିଷ୍ଠ କିରାଣି ଲକ୍ଷ୍ମଣ କୁମାର ପଣ୍ଡାଙ୍କର ପଦୋନ୍ନତୀ କାରଣରୁ ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବ୍ୟାଙ୍କ ଶାଖା ପରିଚାଳକ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଞ୍ଚର ସିଦ୍ଧେଶ୍ୱର ଦାଶ, ସୋମନାଥ ମଲ୍ଲିକ, ଘନଶ୍ୟାମ ସାହୁ, ନୃସିଂହ ଚରଣ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ଦୀର୍ଘ ୧୦ ବର୍ଷ ଧରି ଅଳତୀ ଶାଖାରେ କାର୍ଯ୍ୟକରି ସମସ୍ତ ଗ୍ରାହକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏହି ଅବସରରେ ଶାଖା ସହ ପ୍ରବନ୍ଧକ ଶୁଭ୍ରାଂଶୁ ଶେଖର ମଲ୍ଲିକ, ଗଣେଶ୍ୱର ସାହୁ, ସୁଶାନ୍ତ କୁମାର ବେହେରା, ଆତୁଳ ମୁଖି, କ୍ଷୀରୋଦ ବାରିକ, ଭଗବାନ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରୋଷେଇ ଘରେ ପାଠପଢ଼ା

**ଚମ୍ପୁଆ, ୫।୧୧(ଡି.ଏନ.ଏ.)**

- ନିର୍ମାଣ କାମକୁ ୨ ବର୍ଷ
- ଶେଷ ହେଉନି ଅଙ୍ଗନୱାଡି କାର୍ଯ୍ୟ

ରାଜ୍ୟ ସରକାର କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ ପାଇଁ ଅଙ୍ଗନୱାଡି କେନ୍ଦ୍ରମାନ ନିର୍ମାଣ କରିଛନ୍ତି। ମାତ୍ର ଏହି ଶିଶୁଙ୍କ ଭବିଷ୍ୟତ ଗଢୁଥିବା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୨ ବର୍ଷ ପରେ ବି ଶେଷ ହୋଇପାରିନାହିଁ, ଯାହାର ଉଦାହରଣ ପର୍ଶଳା ମିନି ଅଙ୍ଗନୱାଡି କେନ୍ଦ୍ରରେ ଦେଖିବାକୁ ମିଳିଛି। ନିର୍ମାଣ ଶେଷ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ଗୃହ ପଡି ରହିଛି। ଉକ୍ତ କେନ୍ଦ୍ର ନିକଟରେ ଥିବା ଉଚ୍ଚ ବିଦ୍ୟାଳୟର ରୋଷେଇ ଘରେ ଶିଶୁମାନଙ୍କୁ ବସାଯାଇ ଅଙ୍ଗନୱାଡି କର୍ମୀ ଶିକ୍ଷା ପ୍ରଦାନ କରୁଛନ୍ତି।

ମହିଳା ଓ ଶିଶୁ ବିକାଶ ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆର୍ଥିକ ବର୍ଷ ୨୦୧୬-୧୭ରେ ଚମ୍ପୁଆ ପଞ୍ଚାୟତ ସମିତି ଅଧୀନରେ ନିର୍ମାଣ କରାଯାଇଥିବା ପର୍ଶଳା ମିନି ଅଙ୍ଗନୱାଡି କେନ୍ଦ୍ରଟି ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ରୋଷେଇ ଘରେ ପିଲାମାନଙ୍କୁ ବସାଯାଇ କର୍ମୀ ମନ୍ଦୋଦରୀ ପାତ୍ର ପଢ଼ାଉଛନ୍ତି। ଫଳରେ ଶିଶୁମାନଙ୍କ ପାଇଁ ଘରୁ ଖାଦ୍ୟ ପ୍ରସ୍ତୁତ କରି ଆଣାଯାଉଛି। ୨୫ ଶିଶୁଙ୍କୁ ନେଇ ଚାଲିଥିବା ଏହି ଅଙ୍ଗନୱାଡି କେନ୍ଦ୍ର କେତେବେଳେ ବାରଣ୍ଡାରେ ତ କେତେବେଳେ ରୋଷେଇ ଘରେ ଚାଲୁଛି। କିଛିଦିନ ତଳେ ଅଙ୍ଗନୱାଡି କର୍ମୀ ଉପଜିଲାପାଳଙ୍କୁ ଭେଟି ମୌଖିକ ଅଭିଯୋଗ କରିଥିଲେ। ୭ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ର କେଉଁ କାରଣରୁ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି ଓ ଏଥିପାଇଁ କିଏ ଦାୟୀ, ତାହା ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ରୋଷେଇ ଘରେ ପିଲାମାନେ ପାଠ ପଢୁଛନ୍ତି।

# ହାଇସ୍କୁଲରେ ‘ରେଡ୍ ଡେ’ ଉତ୍ସବ

**ହାଟଡ଼ିହୀ, ୫।୧୧(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ଚଣ୍ଡି ବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ରେଡ୍ ଡେ’, ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଉଦୟନାଥ କର ‘ରେଡ୍ ଡେ’ର ମହତ୍ୱ ବିଷୟରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶହୀଦ ବ୍ରଜମୋହନ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରର୍ଥନା କରାଯାଇଥିଲା। ବିଦ୍ୟାଳୟର ଅମନ୍ତ୍ରିତ ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଥିଲେ।

ଲାଲ୍ ରଙ୍ଗରେ ନିର୍ମିତ ବିଭିନ୍ନ ପ୍ରକାର ଖାଦ୍ୟ ଦ୍ରବ୍ୟ, ଶିକ୍ଷା ଉପକରଣ, ପ୍ରକଳ୍ପ ତଥା ଗୃହୋପଯୋଗୀ ବିଭିନ୍ନ ସାମଗ୍ରୀକୁ ନେଇ ଏକ ପ୍ରଦର୍ଶନୀରେ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରି ସାହୁ, ଶିକ୍ଷୟିତ୍ରୀଶିକ୍ଷକ, ସୁନୀଲ ରାଉତ, ନିରଞ୍ଜନ ସାହୁ, ଶ୍ୟାମ ସୁନ୍ଦର ଦାଶ, ବିଜୟ ଦାଶ, ସୁଜିତ ଦାଶ, ବାବୁରାମ ମାଝି, ବିନୟ ନାୟକ, ପ୍ରଦୀପ ଜେନା, ସୁଦୀପ୍ତ ଦାଶ, ଅଜିତ ଦାଶ, ଦୟାନିଧି ଚିନାରା, ପ୍ରଶାନ୍ତ ଦାଶ, ବ୍ରହ୍ମାନନ୍ଦ ମଲ୍ଲୀକ, ପ୍ରିୟଙ୍କା ରାଉତ, ସଞ୍ଜୁଲତା ସାହୁ, ମମତା ବେହେରା, ଶାଶ୍ୱତୀ ପଳତା, ସୁଚିତ୍ରା ଦାଶ, ସୁଚିସ୍ମିତା ବାରିକ ଏବଂ ସହକର୍ମୀ ଗଦାଧର ଜେନା, ମଞ୍ଜୁଲତା ଖୁଣ୍ଟିଆ, ପ୍ରମିଳା ପାତ୍ର, ଉର୍ମିଳା ସେଠୀ, ଅନିମା ସାହୁ, ମନୋରମା ସେଠୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଗାଁ ସଫେଇରେ ସଭିଏଁ ଏକାଠି

**ହାଟଡିହୀ, ୫।୧୧(ଡି.ଏନ.ଏ.)**

ଯୁବ ଇଞ୍ଜିନିୟର୍ ତଥା ବିଶିଷ୍ଟ ସମାଜସେବୀ ଚନ୍ଦ୍ରମୌଳୀ ମହାନ୍ତିଙ୍କ ସଂଯୋଜନାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନାହା ଗ୍ରାମର ପରିବେଶକୁ ସ୍ୱଚ୍ଛ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ଅଳିଆ ଆବର୍ଜନାପୂର୍ଣ୍ଣ ସ୍ଥାନକୁ ସଫା କରାଯିବା ସହ ନଳକୂପ ଗୁଡିକରେ ଜମି ରହୁଥିବା ପାଣି, ଅପରିଷ୍କାର ପରିବେଶକୁ ସ୍ୱଚ୍ଛ କରାଯାଇଥିଲା। ଜନକଲ୍ୟାଣ ସେବା ସଂସ୍ଥାନ ଆଗାମୀ ଦିନରେ ସେବା କାର୍ଯ୍ୟ ଜାରି ରଖିବ ବୋଲି ସଂସ୍ଥାର ଆବାହକ ମହାନ୍ତି ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଇଂ. ମିହିର ରାଉତ, ହରିହର ଯେନା, ପ୍ରଶାନ୍ତ ବେହେରା, ପ୍ରେମାନନ୍ଦ ରାଉତ, ଚନ୍ଦନ ଯେନା, ଶୁଭାଶିଷ ମହାନ୍ତି, ରାଜୁ ପଳତା, ରକ୍ଷାକର ପଳତା, ଶଙ୍କର୍ଷଣ ରାଉତ, ଜଗନ୍ନାଥ ରାଉତ, ସତ୍ୟବ୍ରତ ରାଉତ, ହରିଆ, ବିଜୁ, ସତ୍ୟବ୍ରତ ଯେନା, ଇଂ. ସୃଷ୍ଟି ଦର୍ଶନ ସାମଲ, ଅଞ୍ଜନ ମହାନ୍ତି, ମୁନା ମହାନ୍ତି, ବିଭୁତି ମହାନ୍ତି, ସର୍ବେଶ୍ୱର ମହାନ୍ତି, ପଜେଶ ମହାନ୍ତି, ହେମାନନ୍ଦ ରାଉତ, ମୋହନ ସାହୁ, ମନୋଜ ବେହେରା, ଶ୍ୟାମ ସୁନ୍ଦର ରାଉତ, ଅରବିନ୍ଦ ମହାନ୍ତି, ଦେବୀଦତ ମହାନ୍ତି, ପ୍ରକାଶ ମହାନ୍ତି, ବିଭୂତି ମହାନ୍ତି, ଆଶୁତୋଷ ରାଉତ, ଅଞ୍ଜନ ଯେନା, ଲକ୍ଷ୍ମୀଧର, ବିବେକାନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ସେବା ସଂସ୍ଥାନର କର୍ମକର୍ତ୍ତା।

# ମନେପଡେ ‘ମୋ ଗାଁ’ ନୃତ୍ୟାଭିନୟ

**ଆନନ୍ଦପୁର, ୫।୧୧(ସ୍ୱ.ପ୍ର.)**

ଆନନ୍ଦପୁର ଶାଳପଡାର ଅଗ୍ରଣୀ ନୃତ୍ୟାନୁଷ୍ଠାନ ବିଣାପାଣୀ କଳାନିକେତନର ନୃତ୍ୟଶିଳ୍ପୀ ଭୁବନେଶ୍ୱର ଆୟୋଜିତ ୧୦ମ ଜାତୀୟ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟାଭିନୟ ‘ମୋ ଗାଁ’ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି। ସହରରେ ରହି ଗାଁକୁ ଭୁଲିବା କଷ୍ଟକର ଚିନ୍ତାଧାରାରେ ନୃତ୍ୟଶିଳ୍ପୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ବିପିନି ମିଶ୍ର, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଏମପି ପ୍ରସନ୍ନ କୁମାର ପାଟଶାଣୀ, ସମ୍ପାଦକ କୁମୁଦୁନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନୃତ୍ୟଗୁରୁ ଜିତୁ ଦାଶ, କଳାକାର ବିନୋଦ ଓଝା, ଦେବାଙ୍ଗୀ ସେନାପତି, ଜୁଲିରାଣୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅବଧି ଶେଷ, ସରିନି ରାସ୍ତା କାମ




ନୟାଗଡ-ଶରଧାପଙ୍କର ଅଧାପନ୍ତରିଆ ରାସ୍ତା।

**ଝୁମ୍ପୁରା, ୫।୧୧(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାସ୍ତା ଅଧାପନ୍ତରିଆ ହୋଇ ରହିଛି। କୌଣସି ଗୋଟିଏ ହେଲେ ରାସ୍ତାର ନିର୍ମାଣ କାମ ଅବଧି ମଧ୍ୟରେ ଶେଷ ହୋଇନି। ଅବଧି ତାରିଖଠାରୁ ୫ ବର୍ଷ ପର୍ଯ୍ୟନ୍ତ ମରାମତି ଦାୟିତ୍ୱ ସମ୍ପୃକ୍ତ ଠିକାଦାରଙ୍କର ରହିଛି। ରାସ୍ତା ନିର୍ମାଣ ଆଳରେ ମରାମତିର ସମୟସୀମା ମଧ୍ୟ ସମ୍ପୃକ୍ତ ଠିକାଦାର ସାରି ଦଉଛନ୍ତି, ଯାହା ସୂଚନା ଫଳକରୁ ସ୍ପଷ୍ଟ ଜଣାପଡୁଛି।

ଝୁମ୍ପୁରା ବ୍ଲକର ଜଙ୍ଗଲାଞ୍ଚଳରେ ଅବସ୍ଥିତ ନୟାଗଡ଼ ପଞ୍ଚାୟତର ନୟାଗଡ଼ଠାରୁ ଶରଧାପଙ୍କ ରାସ୍ତା ଅଧାପନ୍ତରିଆ ହୋଇଛି। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଶୁଣୁନାହିଁ। ସୂଚନା ଫଳକର ତଥ୍ୟ ଅନୁସାରେ, ନୟାଗଡ଼ଠାରୁ ଶରଧାପଙ୍କ ନିର୍ମାଣାଧୀନ ଥିବା ୩ କି.ମି ୯୦୦ ମିଟର ରାସ୍ତା ପାଇଁ ବ୍ୟୟ ଅଟକଳ ୧ କୋଟି ୭୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଅବଧି ସରିଥିଲେ ହେଁ ରାସ୍ତାକାମ ଆଦୌ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡିଙ୍କୁ ପଚାରିବାରୁ ରାସ୍ତା ଅଧାପନ୍ତରିଆ କରି ପକାଇବା ଯୋଗୁ ସମ୍ପୃକ୍ତ ଠିକାଦାରଙ୍କ ଏଗ୍ରିମେଣ୍ଟ ରଦ୍ଦ କରାଯାଇଛି। ଉକ୍ତ ରାସ୍ତା ଲାଗି ସାନି ଟେଣ୍ଡର ହୋଇ କାମ କରାଯିବ ବୋଲି ସେ କହିଛନ୍ତି।

# ଶିବମୁନିଙ୍କର ଜନ୍ମ ଜୟନ୍ତୀ

**ଘସିପୁରା, ୫।୧୧**

ଆନନ୍ଦପୁର ପୌରପରିଷଦ ଫକୀରପୁର ଯୋଗାଶ୍ରମ ପକ୍ଷରୁ ମୁନି ସମାଜର ସଂସ୍ଥାପକ ଶିବମୁନିଙ୍କର ୧୩୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣୀ ମୁନି ସମାଜର ସଂସ୍ଥାପକ ତଥା ମୁଖ୍ୟ ଆଶ୍ରମ ଗୋରଖପୁରର ମୁନିଶ୍ୱର ଯୋଗାଚାର୍ଯ୍ୟ ଶିବ ଚରଣ ଶାସ୍ତ୍ରୀଙ୍କ ଜନ୍ମ ବାର୍ଷିକ ଯୋଗାଶ୍ରମ ପକ୍ଷରୁ ପାଳିତ ହୋଇଛି। ସତ୍ୟର ଜୟ ହେବାର କାମନା କରି ଶିବମୁନିଙ୍କର ଜୀବନି ଉପରେ ଆଲୋକପାତ କରାଯାଇଥିଲା। ମୁନିମତି ମଞ୍ଜୁବାଳା ସାହୁ, କଳ୍ପନା ଦାଶ, ମଞ୍ଜୁଲତା ନାଥଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ସମସ୍ତଙ୍କୁ ସଂସ୍କାରିତ, ଅନ୍ଧବିଶ୍ୱାସ, କୁସଂସ୍କାରମୁକ୍ତ ଓ ହୃଦୟବାନ କରି ଗଢ଼ି ତୋଳିବାରେ ସହାୟକ ହୋଇଛନ୍ତି ବୋଲି ଶାସଙ୍ଗ ଆଶ୍ରମର ଯୋଗାଚାର୍ଯ୍ୟ ମୁନି ବାମଦେବ ନାୟକ ଓ ଅନାଦି ବିଶ୍ୱାଳ ସମସ୍ତଙ୍କୁ ଜଣାଇଥିଲେ। ଏଥିରେ ଫକୀରୁର ଆଶ୍ରମର ଯୋଗଗୁରୁ ଶ୍ରେଲେନ୍ଦ୍ର ମୁନିଙ୍କ ଅଧ୍ୟକ୍ଷତାରେ ମୁନି ହରିହର ନାଥ, ସରୋଜ ସାହୁ, ପ୍ରଦୀପ ଜେନା, ଅଶୋକ ସାହୁ, ନରେନ୍ଦ୍ର ସାହୁ, ଯୋଗେନ୍ଦ୍ର ମାଝୀ, ମଙ୍ଗୁଳି ଅଧିକାରୀ, ଦୈତାରୀ ସେଠୀ, ମୁନିମତୀ ସୁକୁମାରୀ ସାହୁ, ଶୁଭ୍ରାସରିତା ସାହୁ, ସାରଥି ମଳିକ, ହେମଲତା ଜେନା, ସୁନାମଣୀ ନାଥ, ଚାରୁଲତା ସେଠୀ, ସସ୍ମିତା ସାହୁ ଓ ମୁନି ରଜତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିମା ଧର୍ମ ସଂକ୍ରାନ୍ତରେ ଆଲୋଚନାଚକ୍ର

**ଘସିପୁରା ୫।୧୧**

ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ନଦୁଆଁ ଗ୍ରାମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମର ଆରାଧ୍ୟ ଶୂନ୍ୟବ୍ରହ୍ମ ଶୂନ୍ୟ ପୁରୁଷଙ୍କ ଉପରେ ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛତିଶଗଡ଼ରେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବ୍ରଜମୋହନ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ଼. ରାମଚନ୍ଦ୍ର ନାୟକ ଯୋଗଦେଇ ଶରୀରତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଫକୀରପୁର ସାହିତ୍ୟ ସଂସଦର ସଭାପତି ସରୋଜ କୁମାର ସାହୁ ଯୋଗଦେଇ ଶୂନ୍ୟବ୍ରହ୍ମଙ୍କ ସ୍ୱରୂପ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଗୋବିନ୍ଦ ଚରଣ ସାହୁ ଓ କୁଶଳେଶ୍ୱର ସାହିତ୍ୟ ସଂସଦ ସଭାପତି ଅନନ୍ତ ଚରଣ ରାଉତ, ନରୋତ୍ତମ ସାହୁ ସେମାନଙ୍କ ମତ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏଥିରେ ବିବେକାନନ୍ଦ ସାହୁ ଗୀତାପାଠ କରିଥିଲେ। ଆଲୋଚନାଚକ୍ରରେ ଉତ୍କଳମଣୀ ଶିଶୁସାହିତ୍ୟ ସଂସଦର ସଭାପତି ରତ୍ନାକର ଦାସ, କବି ପ୍ରଫୁଲ୍ଲ ଚକ୍ର ନିଜସ୍ୱ ମତ ପ୍ରଦାନ କରିଥିଲେ। କବି ନରହରି ରାଉତ, ରଙ୍ଗାଧର ଜେନା, ଅଭିନ୍ନ ଚରଣ ସାହୁ, କୂଳମଣୀ ସାହୁ, ମଧୁସୂଦନ ବେହେରା, ବୈକୁଣ୍ଠ ବେହେରା, ବାବାଜୀ ବେହେରା, କଳାକର ସାହୁ, ବସନ୍ତ କୁମାର ସାହୁ, ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପ୍ଲେ ସ୍କୁଲରେ ଦୀପାବଳି ଉତ୍ସବ



ଶିଶୁମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

ସ୍ଥାନୀୟ କଲେଜରୋଡ ସ୍ଥିତ ସ୍ପାର୍କିଡଜ ପ୍ଲେ ସ୍କୁଲ ପକ୍ଷରୁ ଦୀପାବଳି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ଲେ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୁନି କୁନି ପିଲାମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଏହି ଦିବସ ପାଳନର ଆଭିମୁଖ୍ୟକୁ ବର୍ଣ୍ଣନା କରିଥିଲେ। କୁନି ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ରାବଣ ଆଦି ବେଶରେ ସଜ୍ଜିତ ହୋଇ ରାମାୟଣ ପରିବେଷଣ କରିବାକୁ ପ୍ରୟାସ କରିଥିଲେ। ନୃତ୍ୟଗୀତ ମାଧ୍ୟମରେ ଅଭିନୟ କରିଥିଲେ। କୁନି କୁନି ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏଭଳି ଆୟୋଜନ କରାଯାଇଥିବା ଏହାର ନିର୍ଦ୍ଦେଶକ ଅନୀଲ କୁମାର ପତି କହିଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ବାଲି ବୋଝେଇ ୩ ଟ୍ରାକ୍ଟର ଜବତ

**ଘସିପୁରା, ୫।୧୧**

ବାଲି ବୋଝେଇ ୩ ଟ୍ରାକ୍ଟରକୁ ସୋମବାର ଆନନ୍ଦପୁର ତହସିଲ ପକ୍ଷରୁ ଜବତ କରାଯାଇଛି। ବେଆଇନ ବାଲି ଚାଲାଣ ଅଭିଯୋଗରେ ୫୨ ହଜାର ଜରିମାନା ଆଦାୟ କରାଯାଇଛି। ଆନନ୍ଦପୁର ସହସିଲଦାର ତପନ କୁମାର ନାୟକ ବୈତରଣୀର ପଦ୍ମପୁର ବାଲିଘାଟ ଓ ଆନନ୍ଦପୁର ବ୍ଲକର ଜଳସୁଆଁ ବାଲିଘାଟରେ ଚଢ଼ାଉ କରିଥିଲେ।

# ବୟସ ୭୦, ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ଢେଙ୍କିକୋଟ, ୫।୧୧(ଡି.ଏନ.ଏ.)**

ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଛତିଆ ଗ୍ରାମର ରଘୁନାଥ ମହାକୁଡ଼ ଏବଂ ରଞ୍ଜେ ମହାକୁଡ଼ଙ୍କ ବୟସ ୭୦ ଛୁଇଁବ। ସେମାନଙ୍କୁ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନି। ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରି ନୟାନ୍ତ ହୋଇଛନ୍ତି। ସେମାନଙ୍କ ଗୁହାରି ଶୁଣିବା ପାଇଁ କେହି ନାହାନ୍ତି। ରୋଗରେ ପଡ଼ିଲେ ମଧ୍ୟ ଔଷଧ ଟିକେ କିଣିବା ପାଇଁ ହାତରେ ଟଙ୍କାଟିଏ ନାହିଁ। ଆବଶ୍ୟକ ପଡ଼ିଲେ ପଇସା ପାଉ ନ ଥିବା କହିଛନ୍ତି ବୃଦ୍ଧାବୃଦ୍ଧ। ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ରାଜ୍ୟ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ଦାବି ହେଉଛି।



ଭତ୍ତାରୁ ବଞ୍ଚିତ ହୋଇଥିବା ବୃଦ୍ଧାବୃଦ୍ଧ।

# ପଦ୍ମପୁର ବାଇପାସ୍‌ରେ ଗର୍ତ୍ତ

**ରାଇସୁଆଁ, ୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ୨୦ ନମ୍ବର ଜାତୀୟ ରାଜପଥର ପଦ୍ମପୁର ନିକଟ ବାଇପାସରେ ଏକ ବଡଖାଲ ହୋଇଛି। ଫଳରେ ଯାତ୍ରୀ ବିପଦସଙ୍କୁଳରେ ଯାତାୟତ କରୁଛନ୍ତି। ରାସ୍ତା ଉପରେ ପ୍ରତିଦିନ ଶତାଧିକ ଯାନବାହାନ ଏବଂ ଯାତ୍ରୀ ପ୍ରତେକ ଦିନ ଚଳାଚଳ କରୁଛନ୍ତି। କେନ୍ଦୁଝର ଜିଲାର ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର ହୋଇଛି। ପ୍ରଶାସନର ଗାୟତ୍ରୀ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ଦେଖାଇଛି। ବହୁ ରାସ୍ତା, ଡ୍ରେନ ଗୁଡିକ ଭାଙ୍ଗି ଯାଉଛି।

# ଅନବରତ ପାନୀୟଜଳ ନଷ୍ଟ

**ଯୋଡ଼ା, ୫।୧୧(ଡି.ଏନ.ଏ.)**

- ମାସେ ବିତିଲା ସମାଧାନ ଶୂନ
- ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା
- ବିଭାଗୀୟ କର୍ତ୍ତୃପକ୍ଷ ନୀରବ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ପାନୀୟ ଜଳ ସଙ୍କଟର ଦେଖା ଦେଇଛି। ତାହାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ବିଭିନ୍ନ ଖଣି କମ୍ପାନୀ ସ୍ଥାନୀୟ ନଦୀ, ଝରଣାର ଜଳକୁ ନିଜ ବ୍ୟବହାରରେ ଲଗାଉଛନ୍ତି। ନଦୀ, ପୋଖରୀ, ନାଳର ଜଳ ହ୍ରାସ ହେବାରେ ଲାଗିଛି। ଖଣି କମ୍ପାନୀ ଭୂତଳ ଜଳକୁ ବ୍ୟବହାରରେ ଲଗାଉଛନ୍ତି। ଫଳରେ ଦିନକୁଦିନ ଜଳସ୍ରୋତ କମିବାରେ ଲାଗିଛି। ଯୋଡା ସହରରେ ପ୍ରାୟ ୪୫ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଅଦ୍ୟାବଧି ସକ୍ଷମ ହୋଇ ନ ଥିବା ଆଲୋଚନା ହେଉଛି। ଯୋଡା ସହରରେ ଭୂତଳ ଜଳ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଯୋଡା ସହରରେ ସରକାରଙ୍କ ଉନ୍ନତି ଯୋଜନାରେ ଯୋଡା ତ୍ରିପାଠୀ ପେଟ୍ରୋଲ ପମ୍ପ ଓ ମୁସଲିମ୍ ବସ୍ତିଠାରେ ୨ଟି ଗଭୀର ନଳକୂପ ଖୋଳାଯାଇଥିଲା। ଏହି ନଳକୂପର ଜଳକୁ ସରକାର ଲୋକଙ୍କୁ ଯୋଗାଇଦେବାରେ ବିଫଳ ହୋଇଥିବା ବେଳେ ଯୋଡା ସହରର ଫେରୋ ଆଲୋଏଜ ସେନ୍‌ଟେନାରୀ ପାର୍କ ନିକଟରେ ଆଉ ଏକ ଗଭୀର ନଳକୂପ ଖୋଳାଯାଇଛି। ବୋରିଂ କରାଯାଇ ବିନା ପମ୍ପରେ ୬ ଇଞ୍ଚ ବ୍ୟାସାର୍ଦ୍ଧରେ ଦୀର୍ଘ ୧ମାସ ହେବ ଅନବରତ ଜଳ ବାହାରି ନଷ୍ଟ ହେଉଛି। ଲୋକଙ୍କୁ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟ ନେଇ ବୋରିଂ ପିଏଚଡି ବିଭାଗ ପକ୍ଷରୁ ଖୋଳାଯାଇଥିଲେ ହେଁ ସୁବିନିଯୋଗ କରାଯାଉନାହିଁ। ଘଣ୍ଟା ପ୍ରତି ୧୨୦୦ ଲିଟର ସୁଦ୍ଧ ଜଳ ନଷ୍ଟ ହେଉଛି। ଜଳକୁ ବିଭାଗ ପକ୍ଷରୁ ନିୟନ୍ତ୍ରଣ କରା ନ ଯିବା ସାଧାରଣଙ୍କୁ ବିସ୍ମିତ କରିଛି। ୧ ମାସରୁ ଊର୍ଦ୍ଧ୍ୱ ହେଲେ ଜଳ ନଷ୍ଟ ହେଉଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମନୋଜ କୁମାର ପଣ୍ଡାଙ୍କୁ ପଚାରିବାରୁ ବାଲେଶ୍ୱରରୁ ଏକ ମେଶିନ୍ ଆସୁଛି। ମେଶିନ୍ ଦ୍ୱାରା ଜଳ ଅପଚୟକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି। ଯୋଡା ସହରର ୩ଟି ସ୍ଥାନରେ ଏହିପରି ଜଳ ବୋହି ନଷ୍ଟ ହୋଇଯାଉଛି। ବାଲେଶ୍ୱରରୁ ମେଶିନ୍ ଆଣିବା ପାଇଁ ବିଭାଗକୁ କ ଣ ୧ ମାସ ସମୟ ଲାଗୁଛି କି ବୋଲି ବିଜେଡି ନେତା ତଥା ଯୁବ ସଙ୍ଗଠକ ମାନସ ଦାସ ପ୍ରଶ୍ନ କରିଛନ୍ତି। ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କହିଛନ୍ତି। ଯୋଡା ଅଞ୍ଚଳର ଶିକ୍ଷାବିତ୍ ସୋମନାଥ ମହାନ୍ତି କହିଛନ୍ତି, ରାସ୍ତା କଡରେ ଜଳ ନଷ୍ଟ ହେଉଥିବା ବେଳେ ପୌରପାଳିକା ଓ ଜନସ୍ୱାସ୍ଥ୍ୟ ବିଭାଗ ସବୁ ଦେଖି ନୀରବ ରହିଛି। ଯୋଡା ବିକାଶ ପରିଷଦ ଏ ଦିଗରେ କୌଣସି ଆଖି ଦୃଶିଆ ପଦକ୍ଷେପ ପାଇଁ ଉଦ୍ୟମ କରୁ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କୁ ପଚାରିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇ ଖୁବ୍ ଶୀଘ୍ର ଜଳ ଅପଚୟକୁ ରୋକାଯିବ। ୨ ଦିନ ବିତି ଯାଇଥିଲେ ହେଁ ଜିଲାପାଳଙ୍କ ଆଦେଶକୁ ବିଭାଗ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହୋଇଛି।




ଅପଚୟ ହେଉଥିବା ଜଳ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟଗତ କାରଣ ଦେଖାଇ ମହଲତ ନେଲେ ସନାତନ

**ରାଇସୁଆଁ, ୫।୧୧(ଡି.ଏନ.ଏ.):** ଗତ ଜାନୁୟାରୀରେ ଯୋଡ଼ାରୁ ଚମ୍ପୁଆ ଯାଉଥିବା ଏକ ଗାଡିରୁ ପାଟ୍ରୋଲିଂ କରୁଥିବା ପୋଲିସ ୫୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ମାମଲାରେ କେନ୍ଦୁଝର ଜିଲାର ବହୁଚର୍ଚ୍ଚିତ ବିଧାୟକ ସନାତନ ମହାକୁଡଙ୍କ ସହ ତାଙ୍କର କେତେଜଣ ସହଯୋଗୀଙ୍କୁ ହାଜର ହେବା ପାଇଁ ସଦର ଥାନା ପକ୍ଷରୁ ସମନ ହୋଇଥିଲା। ସନାତନଙ୍କୁ ୫ ତାରିଖରେ ହାଜର ପାଇଁ ସମନ ହୋଇଥିଲା। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ମହଲତ ନେଇଥିବା ଜଣାଯାଇଛି। ଏ ନେଇ ସଦର ଥାନା ଆଇଆଇସି ସ୍ମୃତି ପ୍ରଧାନଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟଗତ କାରଣ ଦେଖାଇ ସନାତନ ହାଜର ହୋଇ ନ ଥିବା ସେ କହିଛନ୍ତି।

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

**ରାଇସୁଆଁ, ୫।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଜଣେ ନାବାଳକଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ନାବାଳକଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଛି। ସଚେତନତାର ଅଭାବରୁ ଏଭଳି ଘଟଣା ଘଟୁଛି ବୋଲି ଚର୍ଚ୍ଚା ହେଉଛି। ଯୁବତୀ ଜଣଙ୍କ ଏକ କଲେଜରେ ପଢୁଥିବା ବେଳେ ତାଙ୍କର ଜଣେ ପୁରୁଷ ସାଙ୍ଗ ଅନ୍ୟ ଜଣେ ନାବାଳକଙ୍କୁ ପଠାଇ ଏହି ଫଟୋ ଭାଇରାଲ କରିଥିବା ଆଲୋଚନା ହେଉଛି।

### ହାଟଡିହୀରେ ନିଯୁକ୍ତି ମେଳା

**ହାଟଡିହୀ, ୫।୧୧(ଡି.ଏନ.ଏ.)–** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପରିସରରେ ଦିନ ଦୟାଲ ଉପାଧ୍ୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା ହୋଇଥିଲା। ବିଡିଓ ସୁଶାନ୍ତ କୁମାର ବାରିକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୦ ନାମିଦାମି ଘରୋଇ କମ୍ପାନୀ ଏଥିରେ ଭାଗନେଇ କାଉନସେଲିଂ କରିଥିଲେ। ୧୮ରୁ ୩୫ ବର୍ଷ ବୟସର ବେକାର ଯୁବତୀଯୁବକ କର୍ମଶାଳାରେ ନିଜର ନାମ ପଞ୍ଜିକୃତ କରାଇଥିଲେ। ଜିଲା ସଂଯୋଜକ ଦୀପକ ବେହେରା, ଜୀବିକା ମୀଶନର ବ୍ଲକ ସଂଯୋଜକ ମୀନାକ୍ଷୀ ମୋନାଲିସା ଜେନା କର୍ମଶାଳାକୁ ପରିଚାଳନା କରିଥିଲେ। ଶହେରୁ ଉର୍ଦ୍ଧ୍ୱ ବେକାର ଯୁବତୀଯୁବକ କର୍ମଶାଳାରେ ଉପସ୍ଥିତ ରହି ନିଜ ନିଜର ପ୍ରମାଣ ପତ୍ର ଯାଞ୍ଚ କରାଇଥିଲେ।

### ଅଚ୍ୟୁତାନନ୍ଦଙ୍କ ସ୍ମୃତିଚାରଣ

**ଘସିପୁରା, ୫।୧୧-** ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ରେ ପ୍ରାଣ ହରାଇଥିବା ଦୂରଦର୍ଶନର କାର୍ଯ୍ୟରତ ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତିଚାରଣ କରାଯାଇଛି। ଘସିପୁରାଠାରେ ଆୟୋଜିତ ଶୋକସଭାରେ ଖବରଦାତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ନିରବ ପ୍ରାର୍ଥନା କରିଥିଲେ। ବରିଷ୍ଠ ଖବାଦାତା ସୁବାସ ମାହାପାତ୍ର, ଶତ୍ରୁଘ୍ନ ସାହୁ, ମଦନ ପାଣି, ରତିକାନ୍ତ ସାହୁ, ଜିତେନ୍ଦ୍ର ସାହୁ, ସତ୍ୟଜିତ ସାହୁ, ଶିକ୍ଷକ ମଧୁସୁଦନ ସାହୁ, ଯୁବ ସମାଜସେବୀ ଦେବରାଜ ସାହୁ, ସୁବାଶ ମହାନ୍ତି, ମାନସ ସାହୁ, ମାମା ସାହୁ, ରାନୀ ସାହୁ, ବିପିନ ରାଉଳ, ମଦନ ବାରିକ, ବାପୁନ ସାହୁ ସଭାରେ ଯୋଗ ଦେଇଥିଲେ।

# ଘସିପୁରାରେ ପତିଆରା ରାଜନୀତି

**ଆନନ୍ଦପୁର, ୫।୧୧(ସ୍ୱ.ପ୍ର.)**



ବଦ୍ରି ନାରାୟଣ ପାତ୍ର, ନିରଞ୍ଜନ ପଟ୍ଟନାୟକ ଓ ସନାତନ ମହାକୁଡ।

- ଲାଗି ରହିଛି ଛକାପଞ୍ଝା
- ଚର୍ଚ୍ଚାରେ ୩ ନେତା

ରାଜ୍ୟ ରାଜନୀତିରେ ଘସିପୁରା ଏକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ। ନିଜ ଦଳୀୟ ପତିଆରା ଜାହିର ପାଇଁ ଘସିପୁରାରେ ଛକାପଞ୍ଝା ଲାଗି ରହିଛି। ଉକ୍ତ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେଡିର ୨ ତୁଙ୍ଗ ନେତାଙ୍କ ମଧ୍ୟରେ ରାଜନୈତିକ ବଳକଷା ସବୁବେଳେ ଦେଖିବାକୁ ମିଳୁଛି। ବିଗତ ଦିନରେ ବର୍ତ୍ତମାନ କଂଗ୍ରେସର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅକ୍ତିଆରରେ ରହିଥିଲା। ସେହି ନିର୍ବାଚନ ମଣ୍ଡଳୀ ଏବେ ବିଜେଡି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ କବ୍‌ଜାରେ ରହିଛି। ଫଳରେ ଜିଲାର ସ୍ୱାଧୀନ ବିଧାୟକ ସନାତନ ମହାକୁଡଙ୍କ ଆଖି ଏବେ ଘସିପୁରା ନିର୍ବାଚନ ମଣ୍ଡଳୀ ଉପରେ ପଡିଛି। ଏହି ୩ ନେତାଙ୍କୁ ନେଇ ଉକ୍ତ ଅଞ୍ଚଳରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ୨୦୧୪ ନିର୍ବାଚନରେ ମନ୍ତ୍ରୀ ପାତ୍ର ସର୍ବାଧିକ ଭୋଟ ବ୍ୟବଧାନରେ ଜିତି ରାଜ୍ୟ ରାଜନୈତିକ ମାହୋଲକୁ ସରଗରମ କରିବାରେ ସକ୍ଷମ ହୋଇଥିଲେ। ତାଙ୍କ ନେତୃତ୍ୱରେ ଜିଲାରେ ୬ଟି ଆସନ ମଧ୍ୟରୁ ୫ଟି ବିଜେଡି ଅକ୍ତିଆରରେ ଥିଲା। ଜିଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସ୍ୱାଧୀନ ହାତକୁ ଯାଇଥିଲା। ସେତେବେଳେ ଏହା ମୁଖ୍ୟ ଆଲୋଚନାର ବିଷୟ ହୋଇଥିଲା।

ଅନ୍ୟପକ୍ଷରେ ନିରଞ୍ଜନ ବାବୁ ପିସିସି ସଭାପତି ଆସନ ଅଳଙ୍କୃତ କରିବା ପରେ ୨୦୧୯ ସାଧାରଣ ନିର୍ବାଚନରେ ନିଜ ଜିଲାରେ ପୂର୍ବ ପତିଆରାକୁ ଜାହିର କରିବା ପାଇଁ ଲାଗିପଡ଼ିଛନ୍ତି। ଏବେ ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ନିକଟରେ ବିଜେଡି ଦଳରେ ଯୋଗଦେଇ ଏମ୍‌ପି ପଦବୀ ହାତେଇ ସୌମ୍ୟରଞ୍ଜନ ପଟ୍ଟନାୟକ କୁଆଡେ ତାଙ୍କ ଭାଇ ନିରଞ୍ଜନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଥିବା କର୍ମୀ ମହଲରେ ଆଲୋଚନା ହେଉଛି। ଅନ୍ୟ ଦଳର ନେତାଙ୍କ ସହ ଭିତିରିଆ ସମ୍ପର୍କ ସ୍ଥାପନ କରି ଘସିପୁରା ନିର୍ବାଚନ ମଣ୍ଡଳୀରେ ବିଭାଜନ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି। ସୌମ୍ୟବାବୁଙ୍କୁ ନେଇ ବିଜେଡି ସମର୍ଥକଙ୍କ ଚିନ୍ତା ବଢ଼ିଛି ବୋଲି ଆଲୋଚନା ହେଉଛି। ଏଭଳି ଘଟଣାକୁ ନେଇ ଭୋଟରଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ତୃଣମୂଳସ୍ତରରୁ ନିଜ ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ହାସଲ କରି ଶୀର୍ଷରେ ପହଞ୍ଚିଥିବା ମନ୍ତ୍ରୀ ପାତ୍ରଙ୍କୁ ଘସିପୁରା ରାଜନୈତିକ ମଇଦାନରୁ ଦୂରେଇବା ପାଇଁ ଏକ ବଡ଼ଧରଣର ଚକ୍ରାନ୍ତ ଚାଲୁଥିବା ଚର୍ଚ୍ଚା ଜୋର୍ ଧରିଛି। ଏଭଳି ଘଟଣା କେନ୍ଦୁଝର ଜିଲା ବିଜେଡିର ସ୍ଥିତିକୁ ଯଥେଷ୍ଟ ପ୍ରଭାବିତ କରିବ ବୋଲି ରାଜନୈତିକ ବିଶାରଦମାନଙ୍କ ଆଲୋଚନାରୁ ସ୍ପଷ୍ଟ ହେଉଛି। ଆଗାମୀ ଦିନରେ କେନ୍ଦୁଝର ଜିଲାରେ ତିନି ଚର୍ଚ୍ଚିତ ନେତା ବଦ୍ରି, ନିରଞ୍ଜନ ଓ ସନାତନ ନିଜର ସ୍ଥିତି ଜାହିର କରିବା ପାଇଁ କି ରଣନୀତି ଆପଣାଉଛନ୍ତି ତାହା ଦେଖିବାକୁ ବାକି ରହିଛି।

## ପ୍ରକଳ୍ପ ସ୍ଥାପନକୁ ବିରୋଧ

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଦୁବୁନାଠାରେ ବେନିଫିସିଏସନ ପ୍ଲାଣ୍ଟ ସ୍ଥାପନା କରି ପାଇପ ଦ୍ୱାରା ପାଣି ଓ ଲୁହାପଥର ପାରାଦୀପକୁ ପରିବହନ କରୁଥିବା କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବଢୁଛି। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା କମ୍ପାନୀ ସ୍ଥାନୀୟ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଉନାହିଁ ବୋଲି ଅଭିଯୋଗ ହୋଇଛି। ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାଘାଟ ଶୋଚନୀୟ ହୋଇ ପଡିଛି। କମ୍ପାନୀ ବାଂଶପାଳ ତହସିଲ ଅଞ୍ଚଳର ଫୁଲଝର ପଞ୍ଚାୟତ ଶଙ୍କରୀ ଗ୍ରାମରେ ଟେଲି ପଣ୍ଡ ଓ ଅନ୍ୟ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉଦ୍ୟମକୁ ବିରୋଧ ଆରମ୍ଭ ହୋଇଛି।

ଉକ୍ତ ଗ୍ରାମରେ ପାଖାପାଖି ୧୦୦ ଆଦିବାସୀ ଗରୀବ ପରିବାର ରହୁଛନ୍ତି। ପାଣିର ସମସ୍ୟା ରହିଛି। ସୀମିତ ଜମିରେ ବହୁ କଷ୍ଟରେ ଚଳିଆସୁଥିବା ଲୋକେ ଉକ୍ତ କମ୍ପାନୀର ପ୍ରକଳ୍ପ ପାଇଁ ଜମି ଛାଡିବାକୁ ଆଗ୍ରହ କରୁନାହାନ୍ତି। ଲୋକଙ୍କ ଜୀବନଜୀବିକା କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର ଅଭିଯୋଗପତ୍ର ପ୍ରଦାନ କରିଥିବା ଦୟାନିଧି ଦେହୁରି ଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଏ ନେଇ ପ୍ରଶାସନ ଲୋକଙ୍କ ସହାୟତା ନ କଲେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ କହିଛନ୍ତି।

## ପ୍ରତିଯୋଗିତାରେ ୧୪୦ ଛାତ୍ରୀଛାତ୍ର




କାର୍ଯ୍ୟକ୍ରମରେ ଉପସ୍ଥିତ ରୋଟାରୀ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

**ଯୋଡା, ୫।୧୧(ଡି.ଏନ.ଏ.)**

ଯୋଡା ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ଲାଓପ୍ୟାଲେସଠାରେ ଏକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଡାର ୯ଟି ବିଦ୍ୟାଳୟର ପ୍ରାୟ ୧୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନୀ, ବିତର୍କ, ଚିତ୍ରାଙ୍କନ ବିଷୟରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ବଡବିଲ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ମାଧବ ଚନ୍ଦ୍ର ମିଶ୍ର, ଯୋଡା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ମୃଦୁଳା ମହାନ୍ତି, ଅଧ୍ୟାପକ ପବିତ୍ର ମୋହନ କର, ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଉପସ୍ଥିତ ରହିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ।

କୃତୀ ପ୍ରତିଯୋଗୀଙ୍କୁ ୧୪ ତାରିଖ ଶିଶୁ ଦିବସ ଅବସରରେ ରୋଟାରୀ କ୍ଲବ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ବି.ଡି ସାହୁ, ସୁନୀଲ ବାସୋତିଆ, ବିକାଶ ମହାନ୍ତି, ରାକେଶ ସିଂଘାଣିଆ, ସର୍ବେଶ୍ୱର ନାୟକ, ପାର୍ଥସାରଥୀ କର, ଏମ.ଆର. ରଥ, ସଞ୍ଜୟ ବକ୍ସି, ସାରଦା ପ୍ରସାଦ ଆଚାର୍ଯ୍ୟ, ଟି.ପି. ମହାନ୍ତି, ରାଜେଶ କୁମାର ପ୍ରମୁଖଙ୍କ ସମେତ ଯୋଡାର ଶିକ୍ଷାବିତ୍‌ମାନେ ଉପସ୍ଥିତ ଥିଲେ।

## ଶ୍ରମିକଙ୍କୁ ଉଦ୍ଧାର କଲେ ବିଜୁ ଯୁବ ବାହିନୀ

**ଆନନ୍ଦପୁର, ୫।୧୧(ସ୍ୱ.ପ୍ର.)**




ଉଦ୍ଧାର ଶ୍ରମିକଙ୍କ ସହ ବିଜୁ ଯୁବବାହିନୀ କର୍ମକର୍ତ୍ତା।

ଘସିପୁରା ବ୍ଲକ ଶାମୁକାନେଣ୍ଡି ଗ୍ରାମର ୧୦ ଦାଦନ ଶ୍ରମିକଙ୍କୁ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଉଦ୍ୟମକ୍ରମେ ଉଦ୍ଧାର କରାଯାଇଛି। ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ସାଧୁବାଦ ଜଣାଯାଇଛି। ଗ୍ରାମର ଜଣେ ଦଲାଲଙ୍କ ସହ ଦୁଇ ମାସ ପୂର୍ବେ ଆନ୍ଧ୍ରପ୍ରଦେଶର କାକି ନାଡା ଅଞ୍ଚଳକୁ ଏକ କମ୍ପାନୀର ଦାଦନ ଶ୍ରମିକ ଭାବେ କାମ କରିବାକୁ ଶ୍ରମିକମାନେ ଯାଇଥିଲେ। ସେଠାରେ କାମକରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଦରମା ଅର୍ଥ ସେମାନଙ୍କୁ ନ ଦେଇ ନିର୍ଯାତନା ଦେବା ସହ ନଜରବନ୍ଦୀରେ ରଖିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତ ଶ୍ରମିକମାନେ ନିଜ ପରିବାରବର୍ଗଙ୍କୁ ଜଣାଇବା ପରେ ପିରିବାର ବର୍ଗ ସ୍ଥାନୀୟ ବିଜୁ ଯୁବ ବାହିନୀର ସଭାପତି ମାନସ ମୁର୍ମୁଙ୍କ ସହାୟତା ଲୋଡିଥିଲେ। ମାନସ ବିଜୁ ଯବ ବାହିନୀର ସଦସ୍ୟଙ୍କ ସହଯୋଗରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜିଲା ଶ୍ରମବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଘଟଣାକୁ ନେଇ ଜିଲା ଶ୍ରମ ବିଭାଗ ପକ୍ଷରୁ ପୋଲିସ ସହାୟତାରେ ଶାମୁକାନେଣ୍ଡିରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଦାଦନ ଶ୍ରମିକମାନେ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ବିଜୁ ଯୁବ ବାହିନୀ ସଭାପତି ଓ ସଦସ୍ୟମାନେ ସେମାନଙ୍କୁ ଆଣି ଘସିପୁରା ଥାନାରେ ସୂଚନା ଦେବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ବିଜୁ ଯୁବ ବାହିନୀ ସଭାପତି ମାନସ ସୂଚନା ଦେଇଛନ୍ତି।

## ୧୩ରୁ ଜିଲାସ୍ତରୀୟ ଯୁବମହୋତ୍ସବ

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

ଓଡ଼ିଶା ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶାନୁଯାୟୀ କେନ୍ଦୁଝର ଜିଲାରେ ଜିଲାସ୍ତରୀୟ ଯୁବ ମହୋତ୍ସବ ୧୩ ଓ ୧୪ ଦୁଇଦିନ ଧରି ଜିଲା ସଦର ମହକୁମାସ୍ଥ ନଗରଭବନଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ ନିମନ୍ତେ କଳାକାର / ସାଂସ୍କୃତିକ ଦଳ ଚୟନ, ଜିଲାର ସମସ୍ତ ବ୍ଲକ ଏବଂ ମ୍ୟୁନିସିପାଲିଟି ସ୍ତରରେ ଧାର୍ଯ୍ୟ ତାରିଖର ଯଥେଷ୍ଟ ପୂର୍ବରୁ ବ୍ଲକ/ମ୍ୟୁନିସିପାଲିଟି ସ୍ତରୀୟ ଯୁବ ମହୋତ୍ସବ ଆୟୋଜନ କରିବାକୁ ଜିଲାପାଳ ଆଶିଷ ଠାକରେ ବିଭିନ୍ନ ବି.ଡି.ଓ. ଏବଂ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାସ୍ତରୀୟ ଯୁବ ମହୋତ୍ସବରେ ଶ୍ରେଷ୍ଠ ବିବେଚିତ କଳାକାର/ ସାଂସ୍କୃତିକ ଦଳକୁ ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ପଠାଯିବ। ଆଗ୍ରହୀ କଳାକାରଙ୍କର ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଏ ସମ୍ପର୍କରେ ନିଜ ନିଜ ଅଞ୍ଚଳର ବିଡିଓ, ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ପ୍ରତିଯୋଗୀ ଦଳ ଆବଶ୍ୟକୀୟ ବାଦ୍ୟଯନ୍ତ୍ର ଓ କଷ୍ଟ୍ୟୁମ୍ସ ନିଜ ସାଙ୍ଗରେ ଆଣିବାକୁ ସୂଚନା ଦିଆଯାଇଛି।

## ବିଜ୍ଞାନ ପ୍ରଦର୍ଶନୀରେ ପୋଲିସ ହାଇସ୍କୁଲ ସର୍ବଶ୍ରେଷ୍ଠ

**କେନ୍ଦୁଝର, ୫।୧୧ (ସ୍ୱ.ପ୍ର)**

ପଞ୍ଚମ ଟାଟାସ୍ଷ ବିଜ୍ଞାନ ପ୍ରଦର୍ଶନୀରେ ଗ୍ରୁପ ସି ବିଭାଗରେ କେନ୍ଦୁଝର ସହରର ଏନ.ଏସ.ପୋଲିସ ହାଇସ୍କୁଲର ପ୍ରକଳ୍ପକୁ ସର୍ବଶ୍ରେଷ୍ଠ ଭାବେ ମନୋନୀତ କରାଯାଇଛି । ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍କୁଲର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ତତ୍ତ୍ୱାବଧାନରେ ଦୀପକ କୁମାର ପୃଷ୍ଟି, ସଜିତ କୁମାର ସାବତ, ପ୍ରତ୍ୟୁଷ ମହାପାତ୍ର ଛାତ୍ର ମାନେ ସ୍ମାର୍ଟ ସିଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ଏହି ପ୍ରକଳ୍ପ ମାଧ୍ୟମରେ ଆଗାମୀ ଦିନରେ ବିଭିନ୍ନ ସହରରେ ପରିମଳ ବ୍ୟବସ୍ଥା, ଶକ୍ତି ସଂରକ୍ଷଣ, ଯାନବାହାନ ଚଳାଚଳ ଆଦି କିପରି ଉନ୍ନତ ମାନର ପରିବର୍ତ୍ତନ କରାଯାଇପାରିବ ସେ ବିଷୟରେ ପ୍ରଦର୍ଶିତ କରାଯାଇଥିଲା । ସେହିପରି ତର୍କ ପ୍ରତିଯୋଗିତାରେ ଏହି ସ୍କୁଲର ଛାତ୍ର ଦୀପକ କୁମାର ପୃଷ୍ଟି ପ୍ରଥମ ହୋଇଥିଲେ। ଏହି ଅବସରରେ ଜିଲାପାଳ ଆଶୀଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ଆଇନ କର୍ମଶାଳା

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

ସ୍ଥାନୀୟ ରୋଟାରୀ ଭବନଠାରେ ଦ ହଙ୍ଗର ପ୍ରୋଜେକ୍ଟ ସହାୟତାରେ ଶନିବାର ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓସ୍କା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଂଶପାଳ ଓ ପାଟଣାରୁ ବହୁ ମହିଳା ପ୍ରତିନିଧି ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସମାଜମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଧିକାରୀ ସତ୍ୟପ୍ରିୟଦର୍ଶିନୀ ସାହୁ ଯୋଗଦେଇ ଖାଦ୍ୟ ସୁରକ୍ଷା ଅଭିଯାନର ବିଭିନ୍ନ ଆଇନଗତ ଦିଗ ଓ ବିଭିନ୍ନ ଲୋକ କଲ୍ୟାଣ ଯୋଜନା ଏବଂ ସେସବୁର କାର୍ଯ୍ୟକାରିତା ବିଷୟରେ ଅବଗତ କରାଇଥିଲେ। ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ କୁପୋଷଣ ଓ ଅପପୁଷ୍ଟିରୁ ସୁରକ୍ଷା ପାଇଁ ବିଭିନ୍ନ ଉପାୟ ମାନ କହିଥିଲେ। ଏହା ସହିତ ଜନପ୍ରତିନିଧିମାନେ କିପରି ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ସରକାରୀ କଣ୍ଟ୍ରୋଲ, ମଧ୍ୟାହ୍ନ ଭୋଜନ କେନ୍ଦ୍ରକୁ ଗସ୍ତ କରି ମାନ, ପରିମାଣ, ପରିଚ୍ଛନ୍ନତା, କାମକାର୍ଯ୍ୟ ନିରୀକ୍ଷଣ କରିବେ ସେ ନେଇ ଅବଗତ କରାଯାଇଥିଲା। ଏହି ଅବସରରେ ସପ୍ତାହବ୍ୟାପୀ ଖାଦ୍ୟ ସୁରକ୍ଷା ଅଭିଯାନ ରଥ ବାଂଶପାଳ ଓ ପାଟଣା ବ୍ଲକ ବୁଲି ଲୋକଙ୍କୁ ସଚେତନ କରାଯାଉଛି।

### ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ

## ଭିଜିଏଚ୍, ଏଜେଏଫ୍ ବିଜୟୀ

**ବଡ଼ବିଲ, ୫।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ମ୍ୟାଚ୍‌ରେ ଏସଏଆଇକୁ ପରାସ୍ତ କରି ଭିଜିଏଚ୍ ବିଜୟୀ ହୋଇଥିବା ବେଳେ ଅପରାହ୍ନ ମ୍ୟାଚରେ ଏସଜିଏଲକୁ ପରାସ୍ତ କରି ଏଜେଏଫ୍ ବିଜୟୀ ହୋଇଥିଲା। ନବମ ଦିବସର ପୂର୍ବାହ୍ନ ମ୍ୟାଚ୍ ଏସଏଆଇ ଓ ଭିଜିଏଚ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଜିଏଚ୍ ୮ ୱିକେଟ ବିନିମୟରେ ୯୧ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚରେ ଚନ୍ଦ୍ରକାନ୍ତ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅପରାହ୍ନରେ ଏଜେଏଫ ଓ ଏସଜିଏଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଜେଏଫ୍ ବିଜୟ ହୋଇଥିଲା। ମ୍ୟାଚରେ ବିଜୟୀ ଏଜେଏଫ୍ ଟିମ୍‌ର ବୁମ୍ବା କୁମାର ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

# କର୍ମ ନିୟୋଜନ କାର୍ଯ୍ୟାଳୟରେ ତାଲା

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.)**

- ନିଯୁକ୍ତି ଦେବାରେ ରାଜ୍ୟ ସରକାର ବିଫଳ: ଭାଜପା
- ବେକାର ହୋଇ ବସିଛନ୍ତି ଯୁବତୀ ଯୁବକ




କେନ୍ଦୁଝରରେ ଭାଜପା କର୍ମୀମାନେ ଆନ୍ଦୋଳନ କରୁଛନ୍ତି।

ରାଜ୍ୟରେ ବେକାର ସମସ୍ୟା ବଢି ଚାଲିଛି। କେନ୍ଦୁଝର ଜିଲାରେ ମଧ ବେକାର ଯୁବତୀଯୁବକ ନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ଦେବାରେ ଫେଲ ମାରିଥିବାରୁ ଏହାର ପ୍ରତିବାଦରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଛି। ଗତ ୧୯ ବର୍ଷ ବିଜେଡି ସରକାରଙ୍କ ସ୍ଥାଣୁତା ଏବଂ ଅପାରଗତା କାରଣରୁ ସାଧାରଣ ବେକାର ଯୁବତୀଯୁବକ ସେମାନଙ୍କ ହକ୍‌ରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ନିଯୁକ୍ତି ସୃଷ୍ଟି ନ କଲେ ଭାଜପା ଯୁବ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ମଲ୍ଲିକ ଚେତାବନୀ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ମଲ୍ଲିକ, ଯୁବ ମୋର୍ଚ୍ଚା ସମ୍ପାଦକ ସୟ ମହାନ୍ତି, ଜିତେନ୍ଦ୍ର ପଲେଇ, ନନ୍ଦିନୀ ରାଉତ, କୋଡିନେଟର ସନ୍ଦୀପ ମହାପାତ୍ର, ଶରତ ମହାନ୍ତ, ଜୟଦେବ ଗିରି, ପୂର୍ବତନ ଏମପି ଅନନ୍ତ ନାୟକ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, କିରଣବାଳା ନାୟକ, ମମିତା ନାୟକ, ଗୌତମ ନାୟକ, ପ୍ରତିକ ଜେନା, ଦୀପକ ମହାରଣା, ଜଗନ୍ନାଥ ବେହେରା, ଶୁଭେନ୍ଦୁ ବେହେରା, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଭରତ ଭୂଷଣ କୁଅଁର, ବିକ୍ରମ ଚୌହାନ, ଅଶ୍ୱିନୀ ମହାନ୍ତ, ଭାଗୀରଥି ସିଂହ, ଗୌତମ ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସୁଧାକର ସାହୁ, ଅବିନାଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ରାଜ୍ୟରେ ବେକାରି ସମସ୍ୟା ବଢ଼ିଚାଲିଛି। ଏ ନେଇ ଚମ୍ପୁଆ ଭାଜପା ପକ୍ଷରୁ କର୍ମ ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ବେକାରି ସମସ୍ୟା ଯୋଗୁ ବାହାର ରାଜ୍ୟକୁ ଓଡିଶାର ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଭାତ ରାମଙ୍କ ନେତୃତ୍ୱରେ ଜିଲା ଯୁବ ଉପସଭାପତି ଲକ୍ଷ୍ମଣ ରାଉତ, ସମ୍ପାଦକ ଆନିରୁଦ୍ଧ ବେହେରା, ସାହାରୁଜ ଜିୟା, ସମବାରୀ ମୁଣ୍ଡା, ବ୍ରିଜେଶ ଯାଦବ, ପପୁ ପାତ୍ର ପ୍ରମୁଖଙ୍କ ସମେତ ଚମ୍ପୁଆ ମଣ୍ଡଳ ସଭାପତି ସନ୍ତୋଷ ସାହୁ ମହାବୀର ଛକଠାରୁ ଏକ ରାଲିରେ ବାହାରି ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। କର୍ମ ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କୁ କାର୍ଯ୍ୟାଳୟରୁ ବାହାରକୁ ଆସିବା ପାଇଁ ଅନୁରୋଧ କରିବା ପରେ ତାଲା ପକାଇ ଦେଇଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚମ୍ପୁଆ ଥାନା ଭାରପ୍ରାପ୍ତ ଅଧିକାରୀ ଅର୍ଚ୍ଚନା ମଲ୍ଲିକ ବ୍ୟାପକ ପୋଲିସ ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି।




ଚମ୍ପୁଆରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ଘସିପୁରା**

ଘସିପୁରାଠାରେ ଥିବା ଉପ କର୍ମ ନିୟୋଜନ କାର୍ଯ୍ୟାଳୟରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତାଲାପକା ଆନ୍ଦୋଳନ କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ଜିଲା ଉପସଭାପତି ପ୍ୟାରୀମୋହନ ବାରିକଙ୍କ ନେତୃତ୍ୱରେ ଯୁବନେତା ଯଜ୍ଞ ପ୍ରସାଦଙ୍କ ସଂଯୋଜନାରେ ଶୈଳଙ୍ଗ ଛକଠାରୁ ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଆସି ଘସିପୁରା ଉପ କର୍ମ ନିୟୋଜନ କାର୍ଯ୍ୟାଳୟରେ ଆନ୍ଦୋଳନ କରିବା ସହ ଗେଟ୍‌ରେ ତାଲା ପକାଇଥିଲେ। ରାଜ୍ୟ ସରକାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତ ନ ଦେଇ ସେମାନଙ୍କୁ ବେକାର ସଜେଇ ଜୀବନ ସହ ଖେଳୁଥିବାର ଜିଲା ହରିଜନ ମୋର୍ଚ୍ଚା ସଭାପତି ହେମନ୍ତ କୁମାର ମଲ୍ଲିକ ପ୍ରକାଶ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ସାହୁ, ଯୁବନେତା ଧବଳେଶ୍ୱର ସାହୁ, ଅରୁଣ ଉଦୟ ନାୟକ, ସୂର୍ଯ୍ୟ ପ୍ରକାଶ ସାହୁ, ସ୍ମିତିରଞ୍ଜନ ବେହେରା, ତାପସ କୁମାର ବେହେରା, ଜଗବନ୍ଧୁ ପାତ୍ର, ଆଲୋକ ଜେନା, ସ୍ୱାଧୀନ ସାହୁ, ଲିପୁନ୍ ପାତ୍ରଙ୍କ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ। ଘସିପୁରା ଆଇଆଇସି ବିରଞ୍ଚି ବାଗଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ



ଲୋକଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଉଛି।

**ଆନନ୍ଦପୁର, ୫।୧୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସୁଆଁପଦା ହାଟପିଣ୍ଡିଠାରେ ରବିବାର ରାଶନ କାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ରାମଚନ୍ଦ୍ରପୁର ପଞ୍ଚାୟତର ମୋଟ ୯୨ ହିତାଧିକାରୀ, ତରୁଆଁ, ଶାଳଦେଇ, ବାତୋ, ମଛାଳୋ, ପଣ୍ଡୁଆ, ଖଲଣା, ସାଇଁକୁଲ, ମଦନପୁର, ଗଡ଼ବାନ୍ଧଗୋଡା, ଗଁପୁର, ଅଳତୀ, ପୁରୁଣାବାନ୍ଧଗୋଡାର ଆଂଶିକ ୧୦୮ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ ସନ୍ଦୀପ ପରିଜା, ଏମ୍‌ପି ପ୍ରତିନିଧି ବଳରାମ ସାହୁ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ, କମ୍ପ୍ୟୁଟର ପ୍ରୋଗ୍ରାମର ସୁବ୍ରତ କୁମାର ନାୟକ, ରାମଚନ୍ଦ୍ରପୁର ସରପଞ୍ଚ ଆରତି ବେହେରା, ତରୁଆଁ ସରପଞ୍ଚ ବଳରାମ ବେହେରା, ସାଇଁକୁଲ ସରପଞ୍ଚ ବିଭାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ଧୀର, ଶରତ ସାହୁ, ରଘୁନାଥ ରାଉତ, ଘସିପୁରା ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ହିମାଂଶୁ ରଥ, ସ୍ୱେଚ୍ଛାସେବୀ ଭାଗୀରଥି ନାୟକ, ଜୟକୃଷ୍ଣ ବଳ, ମାୟାଧର ସାହୁ, ରମେଶ ଚନ୍ଦ୍ର ପଣ୍ଡା ଓ ଅମୂଲ୍ୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ।